# ବଣମଲ୍ଲୀର ମହକ

## ସେପ୍ଟେମ୍ବର ଇ-ବୁକ ୨୦୨୧



# ଗୁପ୍ତଗଙ୍ଗା – କୁମୁଦିନୀ ବେହେରା

September 9, 2021

ବିଶ୍ୱାସ ବ୍ୟାସର ଅପୂର୍ବ ଉତ୍କ୍ଷେପେ
ଗଢ଼ିଦେଲ ଗୁପ୍ତଗଙ୍ଗା ତୁମର
ତୁମ ହୃଦୟର କଠୋର ନିଷ୍ପତ୍ତି
ଚହଲାଇ ଦେଲା ହୃଦୟ ମୋର l

ତରୁଣ ମନର ସଂକଳ୍ପ ସାଧନେ
ଚରମ ପ୍ରତିଜ୍ଞାର ପୁଣ୍ୟବ୍ରତ
ଦେଖାଇଲ ପ୍ରାଣେ ମୋ ଦୁର୍ଲ୍ଲଭ ଦିଶା
ଜଡ଼ ପ୍ରାଣ ମୋର ହେଲା ଜାଗ୍ରତ l

ଭଗ୍ନଶିଳା ସମ ଭୋଗୁଅଛ ସିନା
ଅନ୍ତହୀନ ଦୁଃଖର ଅନୁପ୍ରାସ
ନୈରାଶ୍ୟର ଅନ୍ତଃସ୍ୱର କହେ ତୁମ
ତଥାପି ତୁଟିନି ଆଶା ବିଶ୍ୱାସ l

ଧମନୀ ଚିପୁଡ଼ି ରକତ ନିଗାଡ଼ି
ମାୟା ଜଞ୍ଜାଳେ ହୁଅ କଳବଳ
ନିଜେ ଭିଜି ବେଦନାର ଅଶ୍ରୁଧାରେ
ମୋତେ ପବିତ୍ର ଗୁପ୍ତଗଙ୍ଗା କଲ l

ତୁମ ହୃଦୟର ପୀୟୂଷ ପ୍ରସୂନ
ଫୁଟାଇ ହୃଦୟର ଉପବନେ
ବିତରି ଚାଲିଛ ସୁମହତ ବାଣୀ
ଜୀବନଯଜ୍ଞର ପ୍ରତି ସୋପାନେ l

ଦୁର୍ବାର ତେଜ ତା’ ରହିବନି ଆଉ
ସରିବ ଅରାତିର ଆସ୍ଫାଳନ
ଐକ୍ୟ ଆହ୍ଲାଦରେ ତୂର୍ଯ୍ୟ ନିନାଦରେ
ସିଂହାସନେ ହେବ ଉପବେଶନ l

ଆଜି ବି ରହିଛି ସ୍ମୃତି ଅନ୍ତରାଳେ
ଅତୀତର ସେହି ସୁନା ସପନ
ଫଗୁଣ ସଞ୍ଚର ନହୁଲି କୁଞ୍ଜରେ
ଝରୁଥିଲା ପ୍ରୀତି ଶ୍ରଦ୍ଧା ସୁମନ ll

କୁମୁଦିନୀ ବେହେରା, ଅନୁଗୋଳ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ନୂଆଁଖାଇ ତିହାର୍ – କୁମୁଦିନୀ ବେହେରା

September 11, 2021

ବଛର୍‌ଟାକର୍ ମୁଖିଆ ତିହାର୍
ଆଏଜ୍ ଆଏ ନୁଆଁଖାଇ
କେତେଟେ ସରାଗେଁ ନୁଆଁଖାଇ ଭାର୍
ଆନିଛନ୍ ମାମୁଁ ମାଇଁ….(୧)

ଘର୍ ଦୁଆର୍‌କେ ଲିପା ପୁଛା କରି
ଘର୍‌କେ ରଖିଛୁଁ ସାଜି
କପଡା ଲତାକେ ସଫା ରଫା ସଂଗେଁ
ବାସନ୍‌କେ ଘଁସି ମାଜି….(୨)

ନୁଆଁ ଚାଉଳର୍ ପିଠା ପନା କରି
ପାଲ୍‌ମା ଆମର୍ ପରବ୍
ଆମର୍ ତିହାର୍ ଆହାର୍ ବିହାର୍
ଆମର୍ ମାଟିର୍ ଗରବ୍….(୩)

ଗଛ୍ ପତର୍ ଭି ଗାଏସନ୍ ଗୀତ୍
ମିଠା ମିଠା ସୁର୍ ଭରି
ଗଛ୍ ଲହ ଯେତେ ନାଚି ଉଠ୍‌ସନ୍
ଫୁଲର୍ ପସରା ଧରି…..(୪)

ନୁଆଁଖାଇ ଆଏ ଭାବର୍ ତିହାର୍
ଯେଏ ଯାହିଁ ଥିଲେଁ ଆସେ
ଭାଇ ଦାଇ ସଂଗେଁ ମେଲନ୍ ମେସନ୍
ମହକି ମହକି ବାସେ….(୫)

ନୁଆଁଖାଇ ଆଏ ଭାବର୍ ତିହାର୍
ଇ ମାଟିର୍ ପରମ୍ପରା
ପଶ୍ଚିମ୍ ଉଡ୍ଶାର୍ ବଡ୍ଖା ତିହାର୍
ମନେ ଭରେ ଭାଇଚାରା….(୬)

ଦୁଲ୍କି ଯାଏସି ଗାଆଁନୁ ସହର୍
ଢ଼ୋଲ୍ ମାନ୍ଦଲର୍ ତାଲେଁ
ଏନ୍ତା ସୁନ୍ଦର୍ ତିହାର୍ ଗୁଟେକ
କହ ଅଛେ କା’ର୍ ଫାଲେଁ….(୭)

ଧୁରିଆନୁ ଆସି ମନର୍ ରସିଆ
ରସିଏନ୍ ସଂଗେଁ ରସେ
ଉଦିଆଁ ଜହ୍ନକେ ପାଏଲେଁ ଯେନ୍ତା
କଇଁ ମୁଲ୍ ମୁଲ୍ ହଁସେ….(୮)

ମାଆଁ ଟାକିଥିଲା ଗଲାର୍ ମାଲିକେ
ଦେଖିଲେଁ ଉସତ୍ ହେଲା
ସେନ୍ହୋ ମମତାର୍ ଭାବର୍ ବନ୍ଧନେ
ପୁଓକେ କୋଲେଇ ନେଲା…..(୯)

ଗୁଟେ ଡୁରେଁ ସଭେ ବାନ୍ଧି ହେଇଥିମା
ଏକତାର୍ ଗୁନ୍ ଗାଇ
ଜୀବନ୍କେ କରି ସରସ୍ ସୁନ୍ଦର୍
ମାନୁଥିମା ନୁଆଁଖାଇ….(୧୦)

କୁମୁଦିନୀ ବେହେରା (କୁମନ୍ ଦିଦି)
ଅନୁଗୁଲ୍

ପଢନ୍ତୁ >>   କ୍ଷୁଦ୍ରଗଳ୍ପ   କବିତା   ପ୍ରବନ୍ଧ   ଉପନ୍ୟାସ   ଅନ୍ୟାନ୍ୟ

# ନୂଆଁଖାଇ ଜୁହାର – ଶ୍ୟାମ ସୁନ୍ଦର କୁମ୍ଭାର

September 12, 2021

ବଛରେ ଉତ୍ତାରୁ ଆଏଜ ଆସିଛେ
ଶିଘା ତିହାର ନୂଆଁଖାଇ
ଗହଗହ ହେଇ ଟାକି ରହିଥିଲୁ
ଘର ଦୁଆର ସବୁ ସଜେଇ(୧)
ଜାଏତ ଭିନଭିନ ମୁନୁସ ଗୁଟେ
ଧନୀ ଗରୀବର ଫରକ
ହେଲେଭି ସଭେ କେଡ଼େ ଉସ୍ମାକେ
ପାଲୁଛୁ ଆଜିର ପରବ(୨)
ଚୁରାକୁଣ୍ଡା ସାଙ୍ଗେ ଘି ସଏଲତା
ଅଲୁଆ ଚଉଲ ଗାଏ ଗୁରସ
ମାଏଟ ମାଆ କେ ପୂଜାକଲି କ୍ଷେତେ
ଭାବେ ସର ସର କେତେ ଉସତ(୩)
ଘି, ଗୁରସ,ଅଲୁଆ ଚଉଲ
ପିଠା, ମଢ଼ା, ଜଉ ଚୁରାକୁଣ୍ଡା
ପିତୃପିତା ପିଦର ସାଲେ
କୁରେ ପତ୍ରେ ହେଲା ବଢ଼ା (୪)
ଭକ୍ତି ଭାବେ କୁଟୁମ୍ବ ବସିଆ
ମୁଡ଼ିଆ ମାରି କଲୁ ପୂଜା
ପୂରୁବ ମୁହାଁ କୁଟୁମ୍ବ ବସିଆ
ଘାଏକେ ଖାଏଲୁ ଚୁରାକୁଣ୍ଡା (୫)
ଚୁରାକୁଣ୍ଡା ଖାଇ ବଡ଼ ମାନକେ ସାନ
ଯେତେ ଥିଲେ କଲେ ଜୁହାର
ସାନକୁ ବଡ଼ କଲୁ ଆଶୀର୍ବାଦ
ଇଟା ନୂଆଁଖାଇ ତିହାର (୬)
ତିହାର ଭିତରେ ଶିଘା ତିହାର
ଆମର ତିହାର ନୂଆଁଖାଇ
ଜୁହାର କରୁଛେ ଗୁରୁ, ଗୁରୁଜନ

ମାଏନ ମାନତା ବଡ଼ଭାଇ(୭)
ଜୁହାର କରୁଛେ ମାଉସୀ ବଡେଇ
ନାନୀ, ନନା, ଖୁଡ଼ି, ବୁଢ଼ୀମା
ହରଷ ମନେ ଆଶୀର୍ବାଦ ଦିଅ
ନି ରଖ୍ ଛନ୍ଦ, ଗାରିମା (୮)
ନୂଆଁଖାଇ ତିହାର ଶିକ୍ଷା ଦଉଛେ
ଏକତା, ସମତା, ଭାଇଚାରା
ଦେହେ ମନ ରଖ ନିର୍ମଳ ଛାଡ଼
ଛନ୍ଦ, କପଟ, ହିଂସା, ପରଦାରା (୯)

ଶ୍ୟାମସୁନ୍ଦର କୁମ୍ଭାର
ସନ୍ଧିବାହାଲ, ଗାଇସିଲେଟ, ବରଗଡ଼



# ଶିବଙ୍କ ପୂଜାରେ ବେଳପତ୍ର – ଅନ୍ତର୍ଯ୍ୟାମୀ ସାହୁ

September 12, 2021

ସପ୍ତବାର ମଧ୍ୟେ ଅଟେ ସୋମବାର
ଶିବଙ୍କର ପ୍ରିୟ ଦିନ,
ସେ ଦିବସେ ଯିଏ ବିଲ୍ୱଦଳ କରେ
ହରଙ୍କ ଲିଙ୍ଗେ ଅର୍ପଣ ।୧।
ଶ୍ରାବଣ ମାସରେ ଅବା ଶିବରାତ୍ରୀ
କିମ୍ବା ଚତୁର୍ଦ୍ଦଶୀ ଦିନ ,
ଭକ୍ତିପୁତ ଭାବେ ଶିବଙ୍କର ଶିରେ
ଚଢ଼ାଅନ୍ତି ଯେଉଁ ଜନ । ୨।
ସେହି ଏକା ଧନ୍ୟ ଧନ୍ୟ ତା ଜୀବନ
ଧନ୍ୟ ଶିବଭକ୍ତ ସେହି ,
କି ଉପମା ଦେବା ସେହି ମନୁଷ୍ୟର
ଅନ୍ତେ ଶିବଲୋକ ପାଇ ।୩।
କେଉଁ ଭାବେ ବିଲ୍ୱ ହରଙ୍କର ପ୍ରିୟ
କିଞ୍ଚିତ ପ୍ରକାଶ କରେ,
ସ୍କନ୍ଦ ପୁରାଣର ବର୍ଣ୍ଣିତ କାହାଣୀ
ଦୋଷ ମୋ ନଧର ବାରେ ।୪।
ଦିନେ ମାତା ଗୌରୀ ଗିରୀ ଶିଖରରେ
ଏକାନ୍ତରେ ଥିଲେ ବସି,
ରୁଦ୍ରଙ୍କର ତାପ ଅସହ୍ୟ ହେବାରୁ
ଝାଳବୁନ୍ଦା ପଡ଼େ ଖସି । ୫ ।
ଜଗଦମ୍ବାଙ୍କର ଶରୀରୁ ନିର୍ଗତ
ଝାଳବୁନ୍ଦା ପଡିବାରୁ,
ମନ୍ଦରାଚଳ ଗିରୀଶିଖରେ ପଡନ୍ତେ
ତହିଁରୁ ଉପୂନ୍ନ ତରୁ । ୬।
ସେ ତରୁର ନାମ ଅଟଇ ଟି ବିଲ୍ୱ
ଶଙ୍କରଙ୍କ ପ୍ରିୟ ଅତି,
ଯେନେଇ ଚଢ଼ାଏ ନିତ୍ୟ ଶିବ ଶିରେ
ଅନ୍ତେ ଶିବଲୋକ ପ୍ରାପ୍ତି ।୭।
ମୂଳରେ ଗିରିଜା ହୃଦେ ମାହେଶ୍ୱରୀ
ଶାଖାରେ ଦକ୍ଷିଣାୟନୀ,
ପତ୍ରରେ ପାର୍ବତୀ ରୂପରେ ବସନ୍ତି
ଫଳପରେ କାତ୍ୟାୟନୀ ।୮।
ଫୁଲପରେ ଗୌରୀ ସ୍ୱରୂପ ନିବାସ
ସାରା ବୃକ୍ଷ ଗୌରୀମୟ,
ବିଳ୍ୱପତ୍ରେ ପାର୍ବତୀଙ୍କ ପ୍ରତିବିମ୍ବ
ଏଣୁ ମହେଶଙ୍କ ପ୍ରିୟ ।୯।
ମହେଶଙ୍କ ପ୍ରିୟ ଅଟନ୍ତି ପାର୍ବତୀ
ସ୍ୱରୂପ ହିଁ ବିଲ୍ୱ ବୃକ୍ଷ,
ପାର୍ବତୀ ରୂପରେ ସନ୍ତୁଷ୍ଟ ହୋଇଣ
ବର ଦିଅନ୍ତି ପ୍ରତ୍ୟକ୍ଷ । ୧୦।
ଶ୍ରଦ୍ଧା ବିଶ୍ୱାସର ପ୍ରତୀକ ଠାକୁର
ଅଟନ୍ତି ଭୋଳା ମହେଶ ,
ଶ୍ରୀପଦେ ଶରଣ ପଶିବା ଯାଇଣ
କଳୁଷ ହୋଇବ ନାଶ । ୧୧ ।
କ୍ଷମାକର ଦୋଷ ହେ ଭୋଳା ମହେଶ
କୃପାକର ଅଧମରେ,

ଦିଅ କୃପାବାରି ଆହେ ହରଗୌରୀ
ଶରଣ ଶ୍ରୀଚରଣରେ । ୧୨ ।

ଅନ୍ତର୍ଯ୍ୟାମୀ ସାହୁ
ପଲମ, ନର୍ଲା, କଳାହାଣ୍ଡି



# ଦାର୍ଢ୍ୟତାଭକ୍ତି କଥାମୃତ – ରଘୁ ଅରକ୍ଷିତ ସମ୍ବାଦ – ଘନଶ୍ୟାମ ସାହୁ

September 12, 2021

ପତ୍ନୀ ଅନ୍ନପୂର୍ଣ୍ଣା ଙ୍କୁ ସଙ୍ଗରେ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ଆଗେଇ ଚାଲିଥିଲେ ରଘୁ ଅରକ୍ଷିତ । ତାଙ୍କ ସହିତ ଥିଲେ କିଛି ପରିଚାରିକା ଏବଂ କିଛି ସେବକ। ହଠାତ୍ ଘୋଡ଼ା ମାନଙ୍କର ଟାପୁ ଶବ୍ଦ ଶୁଣି ସତର୍କ ରହିବାକୁ ପରାମର୍ଶ ଦେଲେ ରଘୁ । ଶବ୍ଦ କ୍ରମେ ନିକଟରୁ ନିକଟତର ହେବାକୁ ଲାଗିଲା ।"ଧର ଧର ହେଇ ଆଗରେ ଯାଉଛନ୍ତି ।"ଏକାଧିକ ସ୍ୱର ଶୁଣାଗଲା । ଅନ୍ନନ୍ତୋପାୟ ହୋଇ ସମସ୍ତଙ୍କୁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ କହି ସେଇ ବିଶ୍ୱ ଚିନ୍ତାମଣି ଙ୍କୁ ସ୍ତୁତି କରିବାକୁ ଲାଗିଲେ ।"ହେ ବଳିୟାର ଭୁଜ,ଆଉ କେତେ ପରୀକ୍ଷା ନେବ ପ୍ରଭୁ । ତୁମ ବିନା ଆଜ୍ଞା ରେ ଗଛରୁ ପତ୍ରଟିଏ ମଧ ହଲିପାରେ ନାହିଁ । ମୁଁ କିଏ ମହାବାହୁ ? ଏହି ଦୁର୍ଗମ ପଥ ଅତିକ୍ରମ କରି ଏତେ କମ୍ ସମୟରେ ଏଠି ପହଞ୍ଚିଲି କିପରି ? ପୁଣି ପ୍ରାଣ ସଂକଟାପନ୍ନ ଅବସ୍ଥାରୁ ମୋତେ କିଏ ରକ୍ଷା କରିଛି ? ମୁଁ ତ ନିମିତ୍ତ ମାତ୍ର । ମୋର ବୋଲି କିଛି ହିଁ ନାହିଁ ।ସବୁ କିଛି ତୁମରି ନିର୍ଦ୍ଦେଶରେ ହିଁ ଚାଲିଛି ଇଚ୍ଛା ମୟ ।ହେ ଦୟାମୟ ଏ ସଂକଟରୁ ଆମକୁ ରକ୍ଷା କର ପ୍ରଭୁ ।" ଏହିପରି ସ୍ତୁତି କଲେ ଓ ଅନ୍ୟ ମାନଙ୍କୁ ସାମ୍ଭାବ୍ୟ ବିପଦ କଥା ଚିନ୍ତାକରି ପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ କହିଲେ । ହଠାତ୍ ସମ୍ମୁଖରେ ଦୁଇ ଜଣ ବୀର ଯୁବକ ଘୋଡ଼ା ଚଢ଼ି ଉପସ୍ଥିତ ହେଲେ ଏବଂ କୌଣସି ଭୟ ନକରି ନିଜ ଗନ୍ତବ୍ୟ ପଥରେ ଅଗ୍ରସର ହେବାକୁ କହିଲେ । ସେମାନଙ୍କ ସୁରକ୍ଷା ର ଭାର ସେମାନେ ନେଉଛନ୍ତି ବୋଲି କହିଲେ । ସେମାନଙ୍କ ବୀରତ୍ୱ ପୂର୍ଣ୍ଣ କଥା ଏବଂ ଅପୂର୍ବ ତେଜୋଦୀପ୍ତ ଚେହେରା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଲା । ସେମାନଙ୍କ ପଶ୍ଚାତ୍ ଧାବନ କରୁଥିବା ସୈନ୍ୟ ମାନେ କ୍ରମେ ନିକଟତର ହେଲେ । କିନ୍ତୁ ଏ କ'ଣ ଦେଖୁଛନ୍ତି ସେମାନେ ? ରଘୁ ଅରକ୍ଷିତ ଙ୍କ ଚତୁଃପାର୍ଶ୍ୱରେ ଅନେକ ଯୋଦ୍ଧା ଅସ୍ତ୍ରଶସ୍ତ୍ର ରେ ସୁସଜ୍ଜିତ ହୋଇ ଚାଲୁଛନ୍ତି । ପ୍ରତ୍ୟେକ ଯୋଦ୍ଧା ଏକା ପ୍ରାୟ ଜଣା ପଡୁଥାନ୍ତି । ସମସ୍ତଙ୍କ ମୁଖରୁ ଅପୂର୍ବ ତେଜ ନିର୍ଗତ ହେଉଛି । ସେମାନେ ଯୁଦ୍ଧ କରିବେ କ'ଣ । ବିରାଡ଼ି କୁ ଦେଖି ମୂଷାପଲ ଙ୍କ ଅବସ୍ଥା ପରି ସେମାନେ ଛତ୍ରଭଙ୍ଗ ଦେଇ ଯିଏ ଯୁଆଡେ ପ୍ରାଣ ବିକଳରେ ପଳାୟନ କଲେ । ଧ୍ୱଜା ରୁ ସେମାନେ ଯେ ରାଜା ବାସୁ ମହାପାତ୍ର ଙ୍କ ସୈନ୍ୟ ଏହି କଥା ସ୍ପଷ୍ଟ ହୋଇଗଲା । ଏତେ ଘଟଣା ଘଟିଥିଲେ ମଧ ରଘୁ ଅରକ୍ଷିତ ଏବଂ ଅନ୍ୟ ସହଯାତ୍ରୀ ମାନେ କେବଳ ସୈନ୍ୟ ମାନଙ୍କ ଛତ୍ରଭଙ୍ଗ ଦେଇ ଚାଲିଯିବା ହିଁ ଜାଣି ପାରିଲେ । ଆଶ୍ଚର୍ଯ୍ୟର କଥା ଯେଉଁ ବୀର ଯୁବକ ଦୁଇ ଜଣ ତାଙ୍କୁ ଅଭୟ ବାଣୀ ଶୁଣାଇ ସେଇ ସୈନ୍ୟ ମାନଙ୍କ ସହିତ ଯୁଦ୍ଧ କରୁଥିଲେ ସେମାନେ ଯେପରି ସୈନ୍ୟ ମାନଙ୍କ ସହିତ କେଉଁ ଆଡେ ପବନରେ ମିଳେଇ ଗଲା ପରି ଅଦୃଶ୍ୟ ହୋଇଗଲେ । ଏହା କେବଳ ପ୍ରଭୁ ଜଗନ୍ନାଥଙ୍କ ଲୀଳା ଭାବି ତାଙ୍କ ହାତ ଦୁଇଟି ଉପରକୁ ଉଠିଗଲା । ସେ ଠାକୁରଙ୍କୁ ନାନା ପ୍ରକାରେ ସ୍ତୁତି କରିବାକୁ ଲାଗିଲେ ।"ହେ ମହାବାହୁ, ମୁଁ ଅଧମ ମଣିମାଙ୍କୁ ଚିହ୍ନି ପାରିଲି ନାହିଁ । ପୁଣି ଥରେ ପ୍ରଭୁ ଏ ଅଧମ ପାଇଁ କଷ୍ଟ ସ୍ୱୀକାର କରି ରତ୍ନ ସିଂହାସନ ତ୍ୟାଗ କରି ମୋର ପ୍ରାଣରକ୍ଷା କରିବାକୁ ଚାଲି ଆସିଲ ।ହେ ବଳିୟାର ଭୁଜ ଏହିପରି ତୁମ ବିଶାଳ ଭୁଜତଳେ ମୋତେ ସବୁବେଳେ ରଖି ଥାଅ । ମୋର ଅଧିକ କିଛି ଲୋଡ଼ା ନାହିଁ ।" ଏହି ପରି ନିଉଛାଳି ହୋଇ ଜଗନ୍ନାଥଙ୍କ ନାମ ଗାନ କରି କରି ଆଗକୁ ଅଗ୍ରସର ହେବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଲେ ।

ଏବେ ସେମାନେ ନିର୍ଭୟରେ ଶ୍ରୀକ୍ଷେତ୍ର ଅଭିମୁଖେ ଆଗେଇ ବାକୁ ଲାଗିଲେ ।

ଅଳ୍ପ ଦିନ ମଧ୍ୟରେ ସେମାନେ ଶ୍ରୀକ୍ଷେତ୍ରରେ ପହଞ୍ଚି ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ କରି ଏ ପ୍ରକାର ସଙ୍କଟରୁ ରକ୍ଷା କରିଥିବାରୁ ଅଶେଷ ଧନ୍ୟବାଦ ଜ୍ଞାପନ କରିବା ସହିତ କୃତଜ୍ଞତା ଜଣାଇ ତାଙ୍କ କ୍ଷେତ୍ରରେ ରହି ସେବା କରିବାର ଅନୁମତି ଭିକ୍ଷା କଲେ । ଶ୍ରୀମନ୍ଦିର ଦକ୍ଷିଣ ଦିଗରେ ଏକ ବାସଗୃହ କିଣି ସେଠାରେ ଅବସ୍ଥାନ କଲେ । ପ୍ରଭୁଙ୍କ ସେବାରେ ସେ ନିଜକୁ ନିୟୋଜିତ କଲେ ।ତ୍ରିଧୂପ ସହିତ ପଞ୍ଚ ଅବକାଶ ନୀତି ସେ ପ୍ରତ୍ୟେହ ପାଳନ କରୁଥିଲେ । ଭକ୍ତିରେ ଗଦ୍ ଗଦ୍ ପ୍ରାଣ ହୋଇ ତାଙ୍କ ଚକ୍ଷୁ ରୁ ଲୋତକ ଝର ଝର ହୋଇ ବହି ଯାଉଥିଲା ।କଳାରାଟ ଦ୍ୱାର ନିକଟରେ ଗରୁଡ଼ ଙ୍କ ସନ୍ନିକଟ ରେ ସେ ବେଳେ ବେଳେ ସେ ଉଦ୍ଦଣ୍ଡ କୀର୍ତ୍ତନ କରୁଥିଲେ । ପ୍ରତ୍ୟେକ ଦିନ ଭିକ୍ଷା ମାଗି ଯାହା କିଛି ପାଆନ୍ତି ସେଥିରେ ନିଜ ଉଦର ପ୍ରତିପୋଷଣ କରିବା ସହିତ ଅତିଥି ଅଭ୍ଯାଗତ ଙ୍କ ସେବା ରେ ମନଦେଇ ରଘୁ ଅରକ୍ଷିତ ପ୍ରଭୁଙ୍କୁ ଧ୍ୟାନ କରୁଥାନ୍ତି ।ତାଙ୍କ ପତ୍ନୀ ଏଥିରେ ତାଙ୍କର ପୂର୍ଣ୍ଣ ସହଯୋଗ କରନ୍ତି । ସାଧୁ ସନ୍ଥ ମାନଙ୍କ ପଦରଜରେ ତାଙ୍କ ଘର ପବିତ୍ର ହୋଇଯାଉଥିଲା । ଥରେ ସାତଜଣ ସାଧୁ ତୀର୍ଥ ଭ୍ରମଣ କରୁ କରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରି ଲୋକ ମାନଙ୍କ ମୁହଁରେ ରଘୁ ଅରକ୍ଷିତ ଙ୍କ ପ୍ରଶଂସା ଶୁଣି ତାଙ୍କ ଜୁଆରରେ ଉପସ୍ଥିତ ହେଲେ ।ଭୋଜନ ର ବନ୍ଦୋବସ୍ତ କରିବାକୁ ସେମାନେ ରଘୁ ଙ୍କୁ ନିର୍ଦ୍ଦେଶ ଦେଲେ । ରଘୁ ଅରକ୍ଷିତ ଗୃହକୁ ପାଛୋଟି ଆଣି କର ପତ୍ର ଯୋଡ଼ି ବିନମ୍ର ଭାବେ ଆସନରେ ବସି କିଛି ସମୟ ବିଶ୍ରାମ ନେବାକୁ କହି ଭିତରକୁ ଗଲେ । ଘରେ କାଣି କଉଡିଟିଏ ସୁଦ୍ଧା ନଥାଇ କିପରି ସାଧୁଙ୍କର ଚର୍ଚ୍ଚା କରିବା ବୋଲି ପତ୍ନୀ ଙ୍କୁ କହିଲେ । ପତ୍ନୀ ନିଜ ଅଳଙ୍କାର ଖୋଲି କହିଲେ , “ସ୍ୱାମୀ ମୋର ଏ ଅଳଙ୍କାର ବଦଳରେ ଯଦି ସାଧୁ ସେବା ହୋଇ ପାରିବ ତେବେ ଏହା ମୋ ପାଇଁ ସୌଭାଗ୍ୟ ର କଥା ହେବ । ତୁମେ ବିଳମ୍ବ ନକରି ମହାଜନ ଠାରେ ବନ୍ଧକ ରଖି କିଛି ଟଙ୍କା ଆଣିଲେ ସାଧୁଙ୍କ ଚର୍ଚ୍ଚା ହୋଇପାରିବ ।” ଏହା ଶୁଣି କିଛି କ୍ଷଣ ନୀରବ ହୋଇ ରଘୁ ପତ୍ନୀ ଙ୍କୁ କହିଲେ, “ମୋର ଏ ଦୀନହୀନ ବେଶ ରେ ବହୁମୂଲ୍ୟ ଅଳଙ୍କାର ହାତରେ ଦେଖି ଲୋକେ ମୋତେ ନିଶ୍ଚୟ ଚୋର କିମ୍ବା ଖଣ୍ଟ ବୋଲି ମନେ କରି ସେ ପ୍ରକାର ବ୍ୟବହାର ଦେଖାଇବେ । ତେଣୁ ତୁମେ ନିଜେ ଯାଇ ନେଇ ଆସ । ମହାଜନ ର ଘର ଅଳ୍ପ ଦୂରରେ ଅଛି । ମୁଁ ଏଠି ଅପେକ୍ଷା କରିଛି ।”ସ୍ୱାମୀ ଙ୍କ ନିର୍ଦ୍ଦେଶରେ ପତ୍ନୀ ମହାଜନଙ୍କ ପାଖରେ ପହଞ୍ଚିଲେ । ନିଜ ଅଳଙ୍କାର ଖୋଲି ମହାଜନ କୁ ସାତଦିନ କଣ୍ଟ ସହିତ ବନ୍ଧକ ରଖି କିଛି ଟଙ୍କା ଦେବାକୁ ଅନୁରୋଧ କଲେ । ମହାଜନ ରଘୁ ଅରକ୍ଷିତ ଙ୍କ ପତ୍ନୀ ର ରୂପ ଲାବଣ୍ୟ ଦେଖି ମୁଗ୍ଧ ହୋଇ ପାପ ଆଶାରେ କହିଲା ,”ତୁମର ଅଳଙ୍କାର ମୋର କଣ ହେବ । ମୋତେ ଗୋଟିଏ ରାତ୍ରି ପାଇଁ ଯଦି ନିଜକୁ ଦେଇ ପାରିବ ତେବେ ଇଚ୍ଛା ମୁତାବକ ଧନ ନେଇ ପାରିବ।” ଖୁବ୍ ଶୀଘ୍ର ଆସୁଛି କହି ସେଠାରୁ ଫେରି ଆସିଲେ ରଘୁ ଅରକ୍ଷିତ ଙ୍କ ପତ୍ନୀ । ସବୁକଥା ଶୁଣିଲା ପରେ ରଘୁ କହିଲେ,” ଏଇ ଶରୀର ପ୍ରଭୁଙ୍କ ଦାନ । ଯଦି ଭଗବାନ ଙ୍କ ଏହା ଏକ ମାତ୍ର ଇଚ୍ଛା ଆମେ ବା କ'ଣ କରିବା । ଅତିଥି ଦେବତାଙ୍କ ସେବାରେ ଯଦି ଏ ଶରୀରକୁ ଉତ୍ସର୍ଗ କରିବାକୁ ପଡ଼ିବ ତେବେ ଏହା ହିଁ ପ୍ରଭୁଙ୍କ ଇଚ୍ଛା ଭାବିବା ବ୍ୟତୀତ ଆମ ନିକଟରେ ଆଉ କିଛି ବିକଳ୍ପ ନାହିଁ । ତୁମେ ଏବେ ଯାଇ ତାକୁ ସମ୍ମତି ଜଣାଇ ସନ୍ଧ୍ୟା ପରେ ଆସିବାକୁ କହି ଧନ ନେଇ ଆସ । ବିଳମ୍ବ କରନାହିଁ ।”ସ୍ୱାମୀ ଙ୍କ କହିବା ମୁତାବକ ଆବଶ୍ୟକ ଅର୍ଥ ଆଣି ରଘୁ ଙ୍କୁ ଦେବାରୁ ଶୀଘ୍ର ରଘୁ ଅରକ୍ଷିତ ମନ୍ଦିରକୁ ଗଲେ । ରୋଷ ସେବକଙ୍କୁ କିଛି ଅର୍ଥ ଦେଇ ଠାକୁରଙ୍କ ଅମୃତ ମଣୋହି ଭୋଗ ପ୍ରସ୍ତୁତ କରି ଭୋଗ ଲଗାଇ ପହଞ୍ଚାଇ ଦେଲେ ସାଧୁ ଗୋସେଇଁ ମାନଙ୍କ ଚର୍ଚ୍ଚା ହୋଇ ପାରିବ ବୋଲି ଅନୁନୟ ବିନୟ ହୋଇ ଅନୁରୋଧ କଲେ । ତାଙ୍କ ମଧୁର ବ୍ୟବହାର ରେ ରୋଷ ସେବକ ଅଚିନ୍ତା ହୋଇ ଗୃହକୁ ଫେରି ସାଧୁ ମାନଙ୍କ ନିକଟରେ ରହିବାକୁ ପରାମର୍ଶ ଦେଲେ ଏବଂ ସଠିକ୍ ସମୟରେ ଭୋଗ ପହଞ୍ଚେଇ ଦେବାକୁ ପ୍ରତିଶ୍ରୁତି ଦେଲେ । ନମ୍ର ଭାବରେ ସେ ପତିପତ୍ନୀ ସାଧୁ ମାନଙ୍କର ଚର୍ଚ୍ଚା କଲେ। ତାଙ୍କ ବ୍ୟବହାର ଏବଂ ଆତିଥ୍ୟ ପରାୟଣତା ଦେଖି ସାଧୁ ମାନେ ଅନେକ କଲ୍ୟାଣ କଲେ ଏବଂ ତାଙ୍କ ଠାରୁ ବିଦାୟ ନେଲେ । ପଶ୍ଚିମ ଦିଗରେ ରକ୍ତିମ ଆଭା ସୂର୍ଯ୍ୟ ଦେବ ଙ୍କ

ଅସ୍ତାଚଳ ଗାମୀ ହେବାର ସୂଚନା ପ୍ରଦାନ କରିବା ସହିତ ରଘୁ ଅରକ୍ଷିତ ଙ୍କ ପତ୍ନୀ ଙ୍କ ହୃଦ୍ ସ୍ପନ୍ଦନ ବଢ଼ିବାକୁ ଆରମ୍ଭ କଲା । ଏକ ଅନାଗତ ଆଶଙ୍କା ରେ ସେ ଆଶଙ୍କିତ ହେଲେ ମଧ ସବୁ କିଛି ସେଇ ଲୀଳାମୟ ଙ୍କ ଇଛା କହି ହାତ ଯୋଡ଼ି ଠାକୁରଙ୍କ ଉଦ୍ଦେଶ୍ୟରେ ମନେ ମନେ କହିଲେ ,"ନାହିଁ ମୋହରି ଆୟତ୍ତ, ଯାହା କରିବେ ଜଗନ୍ନାଥ" ।

ରଘୁ ଅରକ୍ଷିତ ସାନ୍ଧ୍ୟ କାଳୀନ ନିତ୍ୟକର୍ମ ସାରି ପତ୍ନୀ ଙ୍କୁ କହିଲେ, "ହେ ପ୍ରିୟେ ତୁମେ ମହାଜନଙ୍କୁ ଉଚିତ୍ ବ୍ୟବହାର ପ୍ରଦାକରିବ । ସେ ଆମର ସମ୍ମାନ ରକ୍ଷା କରିଛନ୍ତି । ଅବଶ୍ୟ ବିନିମୟରେ ସେ ଯେଉଁ ସର୍ତ୍ତ ରଖିଛନ୍ତି ତାହା ସାଧାରଣ ଜଣେ ସ୍ତ୍ରୀ ପକ୍ଷରେ ଆଦୌ ସମ୍ଭବ ନୁହେଁ । କିନ୍ତୁ ତୁମେ ସାଧାରଣ ନୁହଁ ।ଏତେ ବଡ଼ ତ୍ୟାଗ ତୁମେ ମୋରି ପରାମର୍ଶ ରେ ହିଁ ସ୍ୱୀକାର କରିଛ । ଏହା ବ୍ୟତୀତ ଆମର ଅନ୍ୟ କିଛି ଉପାୟ ନଥିଲା । ତେଣୁ ଏହା ସେଇ ପରମବ୍ରହ୍ମ ଙ୍କ ଇଛା ଭାବି ସବୁ କିଛି ସମର୍ପଣ କରିବାକୁ କୁଣ୍ଠା ପ୍ରକାଶ କରିବ ନାହିଁ ।କାଳେ ମୋର ଉପସ୍ଥିତି ଏ ପ୍ରକାର ବଳିଦାନ ରେ କିଛି ବିଘ୍ନ ଘଟାଇବ ସେଥିପାଇଁ ମୁଁ ଏଠାରୁ କିଛି ସମୟ ଦୂରେଇ ଯାଉଛି । ସେଇ ଚକାଡୋଳା ତୁମର ସହାୟ ।"ଏହା କହି ରଘୁ ଅରକ୍ଷିତ ସେଠାରୁ ଅନ୍ତର ହେଲେ । ପତ୍ନୀ ଅନ୍ନପୂର୍ଣ୍ଣା ଅନନ୍ୟୋପାୟ ହୋଇ ଠାକୁରଙ୍କୁ କିଛି ସମୟ ଧାନ କଲେ । ଅତିଥି ମହାଜନଙ୍କ ଆସିବା ସମୟ ହୋଇ ଯିବାରୁ ଠାକୁରଙ୍କୁ ସବୁ କିଛି ସମର୍ପଣ କରି ବିଛଣା ଉପରେ ଅପେକ୍ଷା କରି ରହିଲେ । ମହାଜନ ଠିକ୍ ସମୟରେ ସନ୍ତର୍ପଣରେ ଲୁଚି ଲୁଚି ଆସି ଭିତରେ ପ୍ରବେଶ କରି କବାଟ ଠକ୍ ଠକ୍ କଲେ । "ଭିତରକୁ ଆସ ,ଦ୍ୱାର ଖୋଲାଅଛି" ଶୁଣି ମହାଜନ କବାଟ ଖୋଲି ଭିତରକୁ ପାଦ ଦେଉ ଦେଉ ଅଟକି ଗଲେ । ଦିବ୍ୟ ସୁଗନ୍ଧ ରେ ସେ ଆତ୍ମବିଭୋର ହୋଇ ଗଲେ ।ଭିତରେ ସେ ଯାହା ଦେଖିଲେ ନିଜ ଚକ୍ଷୁ କୁ ସେ ବିଶ୍ୱାସ କରି ପାରିଲେ ନାହିଁ । ସ୍ୱୟଂ ଭଗବାନ ଙ୍କ କୋଳରେ ବିରାଜିତା ରଘୁ ଅରକ୍ଷିତ ଙ୍କ ପତ୍ନୀ ଦେବୀ ଅନ୍ନପୂର୍ଣ୍ଣା । ହସ ହସ ମୁହଁରେ ସେ ଜଗନ୍ନାଥଙ୍କ ଗୁଣ ଗାନ କରୁଥିବାର ତାଙ୍କୁ ଶୁଣାଗଲା ।ଏଣେ ଅନ୍ନପୂର୍ଣ୍ଣା କିନ୍ତୁ ଏସବୁ କିଛି ହେଲେ ଜାଣି ପାରୁନଥାନ୍ତି ।ମହାଜନଙ୍କ ର ଏ ଅବସ୍ଥା ମଧ ସେ ଜାଣି ପାରିଲେ ନାହିଁ । କେତେ ସମୟ ସ୍ଥିର ଭାବରେ ରହିଲା ପରେ ମହାଜନ ଲମ୍ବ ହୋଇ ସାଷ୍ଟାଂଗ ପ୍ରଣିପାତ କଲେ ଏବଂ ଅତ୍ୟନ୍ତ ବ୍ୟଥିତ ସ୍ୱରରେ କହିଲେ,"ହେ ମାଆ ଏ ଅଧମ ପୁତ୍ରକୁ ତୋର କ୍ଷମା କର । ମୋର ଅପରାଧର ତୁଳନା ନାହିଁ । ମୁଁ ପାପୀ କେବଳ ପାପ ଚିନ୍ତା ହିଁ କରିଛି । ନିଜ ପୁତ୍ର ଭାବି କ୍ଷମା ନକଲେ ଏ ଜୀବନ ଧରି ମୁଁ ରହି ପାରିବି ନାହିଁ ।"ଏହା କହି ମୁହଁ ତଳକୁ କରି ସେହି ସାଷ୍ଟାଂଗ ମୁଦ୍ରାରେ କ୍ଷମା ମାଗି ଚାଲିଥିବା ଅବସ୍ଥାରେ ରଘୁ ଅରକ୍ଷିତ ଗୃହ ମଧକୁ ପ୍ରବେଶ କଲେ । ନିମିଷକ ମଧରେ ପ୍ରଭୁଙ୍କ ସେହି ଭୁବନ ମୋହନ ରୂପ କେଉଁ ଆଡେ ପବନରେ ମିଳେଇ ଗଲା ପରି ଅଦୃଶ୍ୟ ହୋଇଗଲା । ରଘୁ କେବଳ ପ୍ରଭୁଙ୍କ ରୂପ ର ଝଲକ ଦେଖିବାକୁ ପାଇଥିଲେ କିନ୍ତୁ ସେଇ ଦିବ୍ୟ ସୁଗନ୍ଧ ସେ ମଧ ଅନୁଭବ କରି ପାରୁଥିଲେ । ମହାଜନ କୁ ତାଙ୍କର କୁକର୍ମ ର ପ୍ରୟାସ ପାଇଁ କ୍ଷମା କରିଥିବାରୁ ସେ ଉଠି ଉଭୟଙ୍କୁ ବାରମ୍ବାର ପ୍ରଣାମ କରିବାକୁ ଲାଗିଲେ ଏବଂ କହିଲେ,"ଧନ୍ୟ ତୁମେ ରଘୁ ଅରକ୍ଷିତ । ପ୍ରଭୁ ଯାହାର କାୟା ପଛେ ଛାୟା ପରି ରହିଛନ୍ତି ତାଙ୍କର ମୋ ଭଳି ପାପୀ କ'ଣ ବା କରି ପାରିବ ? ମୁଁ ତୁମ ପରି ଧର୍ମପରାୟଣ ବ୍ୟକ୍ତି ଙ୍କୁ ଅନେକ ମାନସିକ ଦଣ୍ଡ ଦେଇଛି । ଆଜି ଠାରୁ ମୋର ଯାହା କିଛି ସମ୍ପତ୍ତି ଅଛି ସେ ସବୁ ତୁମର । ମୁଁ ଆଜି ଠାରୁ ତୁମର ସେବକ । ମୋତେ ଯାହା ଆଦେଶ ଦେବ ମୁଁ ତାହା ହିଁ ପାଳନ କରିବି । ଏବେ ମୋତେ ମୋର ପ୍ରାୟଶ୍ଚିତ କରିବା ପାଇଁ ଅନୁମତି ଦିଅନ୍ତୁ ।"ଏହା କହି ସେ ଉଭୟଙ୍କୁ ପ୍ରଣାମ କରି ସେଠାରୁ ପ୍ରସ୍ଥାନ କଲେ।ସେହି ଦିନଠାରୁ ଭକ୍ତ ରଘୁ ଅରକ୍ଷିତ ଦାସଙ୍କ ସୁଖ୍ୟାତି ଚତୁର୍ଦ୍ଦିଗ ବ୍ୟାପିବାରେ ଲାଗିଲା ଓ ସେ ବହୁ ଦିନ ଧରି ଶ୍ରୀ କ୍ଷେତ୍ର ରେ ଅବସ୍ଥାନ କରିଥିଲେ। ଆଜି ମଧ ରଘୁ ଅରକ୍ଷିତ ଦାସଙ୍କ ଅନ୍ତିମ କର୍ମ ସ୍ଥଳୀ ଚଣ୍ଡିଖୋଲ ରୁ ଜାତୀୟ ରାଜପଥ ର ଅନତିଦୂରରେ ପାହାଡ଼ ଉପରେ ଓଳାଶୁଣି ଗୁମ୍ଫା ଅବସ୍ଥିତ । ଏହା ଏକ ତୀର୍ଥ ସ୍ଥାନ ରୂପେ ପରିଗଣିତ ହୋଇ ଆସୁଛି ।

ଆଠମଲ୍ଲିକ ରୋଡ଼, ବଇଣ୍ଡା, ଜିଲ୍ଲା – ଅନୁଗୋଳ,
ମୋବାଇଲ ନମ୍ବର – ୭୯୭୮୦୫୭୬୯୫

# ଦାର୍ଢ୍ୟତାଭକ୍ତି କଥାମୃତ – ନୀଳାମ୍ବର ଦାସ ଚରିତ – ଘନଶ୍ୟାମ ସାହୁ

September 13, 2021

କାହିଁ କେଉଁ କାଳରୁ ଗିରିରାଜ ହିମାଳୟ କନ୍ୟା କଳ କଳ ନାଦିନୀ ମାତା ଗଙ୍ଗା ଭାରତର ବିଭିନ୍ନ ଅଞ୍ଚଳ ଦେଇ ପ୍ରବାହିତ ହୋଇ ଜନସମାଜର କଲ୍ୟାଣ କରିବା ସହିତ ପାପୀ ମାନଙ୍କ ପାପ ଧୌତ କରି ଚାଲିଛନ୍ତି ଅବାରିତ ଭାବରେ । ସେଇ ପତିତପାବିନୀ ଗଙ୍ଗା ନଦୀର ଏ କୂଳରୁ ସେ କୂଳକୁ ନିର୍ନିମେଷ ନୟନରେ ଚାହିଁରହି ପ୍ରଭୁ ଜଗନ୍ନାଥଙ୍କ ଅପୂର୍ବ ରୂପ ଲାବଣ୍ୟ ର କଳ୍ପନା କରୁ କରୁ କେତେ ସମୟ ବିତିଗଲା ଜାଣି ପାରିଲେ ନାହିଁ ଭକ୍ତ ଜଣକ ।ଏଡେ ବଡ ଶ୍ୱାପଦ ଶଙ୍କୁଳ ଅରଣ୍ୟ ମଧରେ ପାଦଚଲା ରାସ୍ତାରେ କେବଳ ପ୍ରଭୁ ଜଗନ୍ନାଥଙ୍କ ନାମ ନେଇ ଗଙ୍ଗା ନଦୀ କୂଳରେ ପହଞ୍ଚି ଥିଲେ ସେଇ ଭକ୍ତ ବିପ୍ର ନୀଳାମ୍ବର ଦାସ । ଘର ଉତ୍ତର ଖଣ୍ଡ ରାଜ୍ୟ ରେ । ପରିବାର ସହିତ ବେଶ୍ ହସଖୁସିରେ ସମୟ ବିତାଇ ଚାଲିଥିଲେ ସେ । ଅଭାବ ଅସୁବିଧା ବୋଲି କିଛି ହିଁ ନଥିଲା । ସାଧୁ ସନ୍ଥ ମାନଙ୍କ ସେବା କରିବା ସହିତ, ଦୁଃଖୀ ଦରିଦ୍ର ଙ୍କୁ ଦାନ କରିବା ତଥା ବିଭିନ୍ନ ଧର୍ମ କାର୍ଯ୍ୟ କରି ସୁଦ୍ଧା ତାଙ୍କୁ ମାନସିକ ଶାନ୍ତି ମିଳି ପାରି ନଥିଲା । ସାଧୁ ବୈଷ୍ଣବ ମାନଙ୍କ ମୁଖରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା କଥାମୃତ ଶୁଣି ଶୁଣି ତାଙ୍କ ମନରେ ଜଗନ୍ନାଥଙ୍କ ପ୍ରତି ପ୍ରଗାଢ ଭକ୍ତିଭାବ ଜାଗ୍ରତ ହେଲା । ସେ ଏତେ ଦିନ ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ପାରି ନଥିବାରୁ ନିଜକୁ ନିଜେ ମନେ ମନେ ଧିକ୍କାର କରିବାକୁ ଲାଗିଲେ ।ବିଷୟ। ଜଞ୍ଜାଳ ରେ ,ମାୟା ମୋହ ରେ ପଡ଼ି ସେ ଏ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ର ଦର୍ଶନ କରିପାରି ନାହାନ୍ତି ବୋଲି ମନରେ ଗଭୀର କ୍ଷୋଭ ସୃଷ୍ଟି ହେଲା । ମହାପ୍ରଭୁ ଯାହା ପ୍ରତି ସଦୟ ହୁଅନ୍ତି ତାର ସବୁ କିଛି ସୁବିଧା ଆପେ ଆପେ ହୋଇଥାଏ । ପୁଣି ଭାବଗ୍ରାହୀ ସେ ।ଭାବର ଡୋରି ରେ ଟାଣି ଆଣନ୍ତି ନିଜ ନିକଟକୁ ତାଙ୍କର ଭକ୍ତଙ୍କୁ । ଯେତେ ଦୂରରେ ଥିଲେ ମଧ ଭକ୍ତ ଏକ ଅଜଣା ଆକର୍ଷଣ ରେ ଟାଣି ହୋଇ ଆସେ ମର୍ତ୍ତ୍ୟବୈକୁଣ୍ଠ ଶ୍ରୀକ୍ଷେତ୍ର କୁ । ଠିକ ସେହିପରି ଅବସ୍ଥା ହୋଇଥିଲା ନୀଳାମ୍ବର ଦାସ ଙ୍କର । ପତ୍ନୀ ପୁତ୍ରପରିବାର ସବୁକୁ ତୁଚ୍ଛ କରି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ଉଦ୍ଦେଶ୍ୟରେ କାହାକୁ କିଛି ନକହି ଦିନେ ବଡ଼ି ଭୋରରୁ ଗୃହତ୍ୟାଗ କରିଥିଲେ ନୀଳାମ୍ବର । କାନ୍ଧରେ ଦିଖଣ୍ଡ ଯାଉଁଳି ଏବଂ କିଛି ମୁଦ୍ରା ବ୍ୟତୀତ ଆଉ କିଛି ଧରି ନଥିଲେ ସେ । ସେ ସମୟରେ ଯାନ ବାହାନ ର ସେମିତି କିଛି ସୁବିଧା ନଥିଲା କି ଆଜି ପରି ଉନ୍ନତ ରାସ୍ତା ଘାଟ ମଧ ନଥିଲା । ପାଦରେ ଚାଲି ଚାଲି ହିଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ପଡୁଥିଲା ।ଏକ ଲକ୍ଷ୍ୟ ରେ ସେ ଘରୁ ବାହାରି ଏବେ ସେ ଗଙ୍ଗା ନଦୀ କୂଳରେ । ଦୂରରୁ ହିଂସ୍ର ଜୀବଜନ୍ତୁ ମାନଙ୍କର ଚିତ୍କାର ଅସ୍ପଷ୍ଟ ହେଲେ ମଧ ଭୀତି ସଞ୍ଚାର କରୁଥିଲା । ଦଳ ଦଳ ହୋଇ ନିଜ ନିଜ ବସା ଅଭିମୁଖେ ଫେରୁଥିବା ପକ୍ଷୀ ମାନଙ୍କର କଳ ରବ ସନ୍ଧ୍ୟା ନିକଟତର ହେବାର ସୂଚନା ଦେଉଥିଲା । ଦୂର ଦିଗନ୍ତରେ ଆକାଶ ଧୀରେ ଧୀରେ ରକ୍ତିମ ହୋଇ ଆସୁଥିଲା । ଅନ୍ୟ ପାର୍ଶ୍ବରେ ଥିବା ଗ୍ରାମ ମନ୍ଦିରର ଧ୍ୱଜା ଫର ଫର ଉଡ଼ିବା ଅସ୍ପଷ୍ଟ ହୋଇ ଆସୁଥିଲା । ନୀଳାମ୍ବର ପ୍ରକୃତିସ୍ଥ ହୋଇ ଗଙ୍ଗା ନଦୀକୁ ଚାହିଁଲେ । ଜଳସ୍ତର ବୃଦ୍ଧି ଯୋଗୁଁ ଆର ପାଖରେ କିପରି ଶୀଘ୍ର ପହଞ୍ଚି ଦିଶୁଥିବା ଗ୍ରାମରେ ବିଶ୍ରାମ ନେବେ ସେକଥା ଚିନ୍ତା କଲେ ।"କାହିଁ ଆଖପାଖରେ କେହି ଜଣେ ହେଲେ ମଧ ଦିଶୁ ନାହାନ୍ତି ? ସେ କ'ଣ ଶେଷରେ ଏହି ହିଂସ୍ର ବଣ୍ୟ ଜନ୍ତୁଙ୍କ ଆହାର ହୋଇ ପ୍ରାଣତ୍ୟାଗ କରିବେ ?ହେ ମହାବାହୁ ତୁମେ ହିଁ ଭରସା ।" ଏହା କହି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହାତ ଦୁଇ ଟେକି ଧରି ଥିବା ବେଳେ ଜଣେ ନାବିକ ମାଛଧରା ଡଙ୍ଗାରେ ମାଛ ଧରୁଥିବା ଦେଖିଲେ । ସେ ଖୁବ ଉଚ୍ଚ ସ୍ୱରରେ ଡାକିଲେ ଓ ଆରକୂଳରେ ପହଞ୍ଚାଇବାକୁ ତାକୁ ଅନୁରୋଧ କଲେ । ନାବିକ ମନେ ମନେ ଚିନ୍ତା କଲା,"ଆଜି କିଛି ହେଲେ ରୋଜଗାର ହୋଇ ନାହିଁ ।ଏ ପର୍ଯ୍ୟନ୍ତ ଜାଲରେ କେରାଣ୍ଡି ଟିଏ ସୁଦ୍ଧା ପଡ଼ିଲା ନାହିଁ । ବ୍ରାହ୍ମଣ ପରି ଜଣାପଡୁଛି । ନୂଆ ଯାଉଁଳି ହଲେ

କାନ୍ଧରେ ପକାଇଛି । କିଛି ନହେଲେ ଏହି ଦୁଇଟି ମିଳିଯିବ । ତୀର୍ଥ ଭ୍ରମଣ କରିବାକୁ ଯାଉଛି ଯେତେବେଳେ କିଛି ଅର୍ଥ ନିଶ୍ଚୟ ରଖିଥିବ । ନଦୀ ମଝିରେ ପକାଇ ଦେଇ ସବୁ ଅର୍ଥ ତା ପାଖରୁ ହାସଲ କରିବାକୁ ପଡ଼ିବ ।" ସେ ମନକଥା ମନରେ ରଖି ଉପରି ମନକୁ ନୀଳାମ୍ବର ଙ୍କୁ ନମସ୍କାର କରି କହିଲା,"ହେଲେ ଗୋସେଇଁ ସନ୍ଧ୍ୟା ତ ହୋଇ ଆସୁଛି । ମୋତେ ପୁଣି ଘରକୁ ଫେରିବାକୁ ହେବ । ଦେଖୁଛନ୍ତି ତ ନଦୀ ଦି କୂଳ ଖାଉଛି । ପାଉଣା ଟିକିଏ ଅଧିକ ଦେବେ ।"ଏତିକି କହି ଡଙ୍ଗା ପାଖକୁ ଲଗାଇଲା ।"ତୁ ତୋର ପାଉଣା ଠାରୁ ଅଧିକ ନିଶ୍ଚୟ ପାଇବୁ" କହି ଡଙ୍ଗାରେ ଚଢ଼ି ଠାକୁରଙ୍କୁ ସ୍ମରଣ କରି ବସିଲେ ବିପ୍ର ନୀଳାମ୍ବର । ଡଙ୍ଗା କିଛି ବାଟ ଯାଇ ମଝି ସୁଅରେ ପହଞ୍ଚି ଓଲଟା ପଥରେ ଯିବାକୁ ଆରମ୍ଭ କରିବା ଦେଖି ନୀଳାମ୍ବର ଛାନିଆ ହୋଇ ନାବିକ କୁ କୁଆଡ଼େ ନେଉଛି ବୋଲି ପଚାରିଲେ । ନାବିକ ତାର ଅସଲ କଥା ଏବେ କହିଲା ," ଯଦି ବଞ୍ଚିବାକୁ ଚାହୁଁଛ ତେବେ ତୁମର ସବୁ କିଛି ମୋତେ ଚୁପ୍ ଚାପ୍ ଦେଇ ଦିଅ ।ନଚେତ୍ ମୁଁ ଚାହିଁଲେ ତୁମକୁ ନଦୀ ମଧ୍ୟରେ ପକାଇ ଦେଲେ ମଧ୍ୟ କେହି କିଛି କରିପାରିବେ କି ଜାଣି ପାରିବେ ନାହିଁ "। ତା'ର ମନ୍ଦ ଉଦ୍ଦେଶ୍ୟ ଜାଣିପାରି ନୀଳାମ୍ବର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ତୁତି କରିବାକୁ ଲାଗିଲେ , "ହେ ମହାବାହୁ , ଅଗତି ର ଗତି ଦାୟକ ,ହେ ଅନ୍ତର୍ଯ୍ୟାମୀ ଜଗନ୍ନାଥ ,ଗଜକୁ ଗଭୀର ଜଳରାଶିରୁ ଉଦ୍ଧାର କଲାପରି , ହରିଣୀ କୁ ବ୍ୟାଧ କବଳରୁ ରକ୍ଷା କଲାପରି ମୋ ପରି ଅସହାୟ ର ସହାୟ ହୁଅ ପ୍ରଭୁ ।ମୁଁ ତୁମ ଦର୍ଶନ କରିବା ପାଇଁ ଏବଂ ତୁମରି ଆଶ୍ରୟ ନେବାକୁ ଯାଉଛି ଠାକୁରେ । ମୁଁ ତୁମର ଶରଣ ନେଇଛି ଶରଣ ରକ୍ଷଣ । ମୋତେ ଏ ଦୁଷ୍ଟ କବଳ ରୁ ରକ୍ଷା କର ଦୀନବନ୍ଧୁ ।" ଭକ୍ତ ର ଡାକ ନ ଶୁଣନ୍ତେ କିପରି ଭକ୍ତବତ୍ସଳ ପ୍ରଭୁ ଭାବଗ୍ରାହୀ ? ଏକ ଯୋଦ୍ଧା ଧନୁର୍ଦ୍ଧର ଯୁବକ ବେଶରେ ପ୍ରଭୁ ଅଶ୍ୱ ଝପଟାଇ କୂଳରେ ପହଞ୍ଚି ଗଲେ । ବଳିଷ୍ଠ ବପୁ । କମନୀୟ କାନ୍ତି । ଆଜାନୁଲମ୍ବିତ ବାହୁ ଯୁଗଳ ।ମୁଖ ମଣ୍ଡଳ ରେ ଏକ ଅପୂର୍ବ ତେଜ ସ୍ପଷ୍ଟ ବାରି ହୋଇ ପଡୁଛି । ମାୟାଧର ଙ୍କ ମାୟା ଦେବତାଙ୍କୁ ବି ଅଗୋଚର । ସାମାନ୍ୟ ମନୁଷ୍ୟ ଜନ୍ମ ନେଇ କିଏ ଅବା ଜାଣି ପାରିବ ? ଏ ବେଶରେ ସେ ଆଗରୁ କେବେ କାହାକୁ ଦେଖିଥିବା ମନେ ପକେଇ ବାକୁ ଚେଷ୍ଟା କଲା ନାବିକ । ବିପ୍ର ନୀଳାମ୍ବର ମଧ୍ୟ ନିଜକୁ ସାମାନ୍ୟ ସୁରକ୍ଷିତ ମନେ କଲେ ମଧ୍ୟ ଜାଣି ପାରିଲେ ନାହିଁ ଯେ ସ୍ୱୟଂ ଲୀଳାମୟ ଶ୍ରୀହରି ତାଙ୍କୁ ରକ୍ଷା କରିବାକୁ ରତ୍ନ ସିଂହାସନ ତ୍ୟାଗ କରି ଏଠାକୁ ଚାଲି ଆସିଛନ୍ତି ! ନାବିକ କୁ ନାବ ଆଣିବା ପାଇଁ ଡାକ ଦେଇ ଯୋଦ୍ଧା ବେଶୀ ମହାପ୍ରଭୁ ଏକ ତୀର ନିକ୍ଷେପ କଲେ ।ତୀର ଯାଇ ନାବ ର ମଙ୍ଗରେ ବାଜି ଲାଖି ରହିଲା । ପ୍ରାଣ ଭୟରେ କମ୍ପିବାକୁ ଲାଗିଲା ଦୁଷ୍ଟବୁଦ୍ଧି ନାବିକ । ବ୍ରାହ୍ମଣ ଆଜି ମୋ ଠାରୁ ଅଳ୍ପ କେ ରକ୍ଷା ପାଇଗଲା କହି ଶୀଘ୍ର ଶୀଘ୍ର ଆଣି ଡଙ୍ଗା କୂଳରେ ଲଗାଇଲା ।"କିରେ ତୁ ଜାଣିନୁ ,ମୁଁ ରାଜାଙ୍କ ଦ୍ୱାରା ନିଯୁକ୍ତ ଏ ଅଞ୍ଚଳର ରକ୍ଷକ । ତୋର ତ ସାହସ କମ୍ ନୁହେଁ ? ଯାତ୍ରୀ ମାନଙ୍କ ଠାରୁ ଲୁଟି ନେବାକୁ ଚେଷ୍ଟା କରୁଛୁ । ସାବଧାନ ଏ ଯାତ୍ରୀ ଙ୍କୁ ଶୀଘ୍ର ନିରାପଦ ରେ ଆର ପାଖରେ ପହଞ୍ଚାଇ ଦେ । ପାଉଣା ମଧ୍ୟ ନେବୁ ନାହିଁ ।ମୋତେ ନ ପଚାରି ନାବ ଚଳାଇ ମାଛ ମଧ୍ୟ ଧରୁଛୁ । ମୁଁ ଏଠାରୁ ଦେଖୁଛି । କିଛି ବଦମାସି କଲେ ଦେଖୁଛୁ ତ ଏ ଧନୁ ଆଉ ତୀରକୁ ?" ଭୁଲ୍ ହୋଇ ଗଲା , ଆଉ କେବେ ଏମିତି ଭୁଲ୍ କରିବି ନାହିଁ କହି ନୀଳାମ୍ବର ଙ୍କୁ ବସାଇ ଅପର ପାର୍ଶ୍ୱରେ ଡଙ୍ଗା ନେଇ ପହଞ୍ଚାଇ ଦେଇ ଭକ୍ତି ସହକାରେ କ୍ଷମା ପ୍ରାର୍ଥନା କରି ବିଦାୟ ଜଣାଇଲା ନାବିକ ।ମନେ ମନେ ଘୋର ଅନୁତାପ କଲା ସେ ।"କିନ୍ତୁ ଏ କ'ଣ, ଅପର ପାର୍ଶ୍ୱ ରେ ଠିଆ ହୋଇ ପ୍ରାଣରକ୍ଷା କରିଥିବା ଯୁବକ ଜଣକ ଗଲେ କୁଆଡେ ? ସେ କ'ଣ ପବନରେ ମିଳେଇ ଗଲେ । ସେ ଯିଏ ହୁଅନ୍ତୁ ନା କାହିଁକି ମୋର ପ୍ରାଣ ରକ୍ଷା କରିବା ପାଇଁ ଭଗବାନ ବୋଧହୁଏ ପଠାଇଥିଲେ ।"ଆର ପାର୍ଶ୍ୱରେ ପହଞ୍ଚି ପଛକୁ ଫେରି ସେ ବୀର ଯୁବକ ଙ୍କୁ ନ ଦେଖି ଏହି କଥା ଭାବି ପୁଣି ଥରେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି ଆଗକୁ ଆଗେଇ ଚାଲିଲେ ନୀଳାମ୍ବର ଦାସ ।

କିଛି ଦିନ ମଧ୍ୟରେ ଶ୍ରୀକ୍ଷେତ୍ର ବାଟ ମଙ୍ଗଳା ଙ୍କ ନିକଟରେ ପହଞ୍ଚିଲେ ବିପ୍ର ନୀଳାମ୍ବର ଦାସ । ଭକ୍ତିରେ ମାଆଙ୍କୁ ଦର୍ଶନ କରି ଚାରିଆଡ଼େ ଦୃଷ୍ଟି ପକାଇଲେ ।ସେ ସାଧୁ ମାନଙ୍କ ଠାରୁ ଶୁଣି ଥିଲେ ଯେ ଏଠାରୁ ନୀଳଚକ୍ର ସହିତ ପତିତପାବନ ବାନା ପରିଷ୍କାର ଦେଖା ଯାଏ । ହଠାତ୍ ସେ ଦେଖି ପାରିଲେ

ନୀଳଚକ୍ର ଉପରେ ପତିତ ପାବନ ବାନା ଫର ଫର ହୋଇ ଉଡି ଅଗଣିତ ଭକ୍ତ ମାନଙ୍କୁ ହାତ ଠାରି ଡାକୁ ଥିଲା ଯେପରି । ପ୍ରାଣ ତାଙ୍କର ଉଲ୍ଲସିତ ହୋଇ ଉଠିଲା ।"ଜୟ ଜଗନ୍ନାଥ" ଉଚ୍ଚାରଣ କରି କିଛି ସମୟ ଉର୍ଦ୍ଧ୍ୱ ବାହୁ ହୋଇ ଆଗକୁ ଆଗେଇ ଚାଲିଲେ ନୀଳାମ୍ବର । ଦୂରରୁ ସମୁଦ୍ର ଗର୍ଜନ ସାଙ୍ଗରେ ଭକ୍ତଜନ ଙ୍କର ଗହଳି ର ଧ୍ୱନି ଏବଂ ତାସହିତ ଘଣ୍ଟ ଘଣ୍ଟା ବାଦ୍ୟ, ଖୋଳ କୀର୍ତ୍ତନ ଏସବୁ ଅପୂର୍ବ ଭକ୍ତିଭାବ ଜାଗ୍ରତ କରୁଥିଲା । ସେ ଯାତ୍ରୀମାନଙ୍କ ଠାରୁ ଆଜି ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ହେଉଥିବା ଜାଣି ସେ ଉତ୍କଣ୍ଠାରେ ଅଧୀର ହୋଇ ପଡ଼ି ଭଗବାନ ଙ୍କ ଉଦ୍ଦେଶ୍ୟରେ ବାରମ୍ବାର ପ୍ରଣାମ କରିବାକୁ ଲାଗିଲେ ନୀଳାମ୍ବର ଦାସ । କମ୍ ସମୟ ମଧରେ ସେ ଶରଧାବାଲି ରେ ପହଞ୍ଚି ବଡ଼ଦାଣ୍ଡ ର ଧୂଳି ଆଣି ମଥାରେ ଲଗାଇ ନିଜକୁ ଧନ୍ୟ ମନେ କଲେ । ଲୋକାରଣ୍ୟ ରେ ବଡ଼ଦାଣ୍ଡ ଉଚ୍ଛୁଳି ପଡିଥିଲା । ସେ ଆଗକୁ ଆଗକୁ ଭିଡ଼ କାଟି ମାଡ଼ି ଚାଲିଲେ । ଶ୍ରୀ ମନ୍ଦିର ସମ୍ମୁଖରେ ମହାପ୍ରଭୁ ଚତୁର୍ଦ୍ଧା ବିଗ୍ରହ ଙ୍କ ପାଇଁ ତିନି ରଥ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ସୁସଜ୍ଜିତ ହୋଇ ପ୍ରସ୍ତୁତ କରି ରଖାଯାଇଥିଲା । ସେ ପହଞ୍ଚିଲା ବେଳକୁ ଠାକୁରମାନଙ୍କ ପହଣ୍ଡି ବିଜେ ନୀତି ଶେଷ ହୋଇ ସାରିଥିଲା । ତିନି ରଥରେ ଠାକୁରଙ୍କୁ ଆସ୍ଥାନ ଉପରେ ବିଜେ କରାଇ ଗଜପତି ମହାରାଜାଙ୍କ ଦ୍ୱାରା ଛେରାପହଁରା କାର୍ଯ୍ୟକ୍ରମ ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିଲା ।"ଜୟ ଜଗନ୍ନାଥ "ଧ୍ୱନି ସହିତ ହରିବୋଲ ହୁଳହୁଳି ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହେଉଥିଲା । ନର୍ତ୍ତକ ନର୍ତ୍ତକୀ ମାନେ ବିଭିନ୍ନ ମୁଦ୍ରାରେ ସେମାନଙ୍କ ନୃତ୍ୟ ପ୍ରଦର୍ଶନ କରୁଥିଲେ । ଚାରିଆଡ଼େ "ମଣିମା ,ମଣିମା "ଡାକ ଶୁଣାଯାଉଥିଲା ।ବୀର କାହାଳୀ ବାଜି ଉଠୁଥିଲା ।ଘଣ୍ଟୁଆ ସେବକ ମାନେ ବିଭିନ୍ନ ଭଙ୍ଗୀରେ ଘଣ୍ଟ ନାଦ କରୁଥିଲେ । ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ରଥ ଗୁଡ଼ିକ ଚତୁଃପାର୍ଶ୍ୱରେ ହରିବୋଲ ଧ୍ୱନି ସହିତ ସଂକୀର୍ତ୍ତନ ପରିବେଷଣ କରି ଚାଲିଥିଲେ । ସୁରକ୍ଷା କର୍ମୀ ଶାନ୍ତି ଶୃଙ୍ଖଳା ରକ୍ଷା କରୁଥିଲେ । ଭକ୍ତ ମାନେ ଉର୍ଦ୍ଧ୍ୱ ବାହୁ ହୋଇ ନିସ୍ତରିଲି ନିସ୍ତରିଲି ବୋଲି ଉଚ୍ଚାରଣ କରୁଥିଲେ ।ସାରଥୀ ରଥ ଉପରୁ ରଥ ଟାଣିବାକୁ ନିର୍ଦ୍ଦେଶ ଦେବା ମାତ୍ରେ ଘୋର ଘର୍ଘର ନାଦ କରି ରଥଗୁଡିକ ଗଡ଼ିବାକୁ ଆରମ୍ଭ କଲା ।ରଥ ରେ ଅବସ୍ଥାପିତ ତିନି ଠାକୁରଙ୍କ ଅପୂର୍ବ ମନଜିଣା ରୂପ ଲାବଣ୍ୟ ସମସ୍ତ ଭକ୍ତ ଜନଙ୍କର ଚିତ୍ତ ମୋହି ନେଉଥିଲା । ନିକଟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଭକ୍ତିରେ ଗଦ୍ ଗଦ୍ ହୋଇ ଅଶ୍ରୁଳ ନୟନରେ ନିସ୍ତରିଲି ମହାବାହୁ ବୋଲି ଉଚ୍ଚାରଣ କରି ସେ ଶତ ଧନ୍ୟବାଦ ଜ୍ଞାପନ କଲେ ।ଠାକୁର ବିଭିନ୍ନ ବିପଦରୁ ରକ୍ଷା କରି ଦର୍ଶନ ଦେଇଥିବାରୁ ବାରମ୍ବାର ପ୍ରଣାମ କରୁଥିଲେ । ଅତିଶୟ ଭାବାବେଗ ରେ ପ୍ରଭୁଙ୍କ ମୁଖକୁ ଚାହିଁ ନାନା ପ୍ରକାର ସ୍ତୁତି କରୁ କରୁ ତାଙ୍କର ପ୍ରାଣବାୟୁ ଉଡିଗଲା ନୀଳାମ୍ବର ଦାସ ଙ୍କର । ସେ ସେଇ ଉର୍ଦ୍ଧ୍ୱ ବାହୁ ଅବସ୍ଥାରେ ହିଁ ରଥ ସମ୍ମୁଖରେ ଭୂମି ଉପରେ ଖସି ପଡିଲେ ।ମହାନ୍ ଭକ୍ତ ନୀଳାମ୍ବର ଦାସ ପ୍ରଭୁଙ୍କ ଦିବ୍ୟ ଧାମକୁ ନିଶ୍ଚୟ ଗମନ କରିଥିବେ ଏଥିରେ ସନ୍ଦେହ ନାହିଁ । ସୁଦୀର୍ଘ ପଥ ଅତିକ୍ରମ କରି ମହାପ୍ରଭୁଙ୍କୁ ରଥ ଉପରେ ଦର୍ଶନ କରି ତାଙ୍କ ଗୁଣ ଗାନ କରୁକରୁ ଦେହତ୍ୟାଗ କରି ଜଣେ ଶ୍ରେଷ୍ଠ ଭକ୍ତ ରୂପେ ସେ ପରିଗଣିତ ହେଲେ । ଜୟ ଜଗନ୍ନାଥ । ଜୟ ଶ୍ରୀ ହରି ।

ଘନଶ୍ୟାମ ସାହୁ
ଆଠମଲ୍ଲିକ ରୋଡ଼, ବଇଣ୍ଡା, ଜିଲ୍ଲା – ଅନୁଗୋଳ
ମୋବାଇଲ ନମ୍ବର – ୭୯୭୮୦୫୭୬୯୫

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ମାନମୟୀ ଚିତ୍ରଲିପି – କୁମୁଦିନୀ ବେହେରା

September 13, 2021

ମାଗିବିନାହିଁ ମୁଁ ଅଳସୀ ରାତିକୁ
ବିଳାସୀ ସ୍ୱପ୍ନ ପସରା
ମାଗିବି ନାହିଁ ମୁଁ ରୂପ ଚନ୍ଦ୍ରିକାରୁ
ରୋମାଞ୍ଚିତ ଜ୍ୟୋସ୍ନାଧାରା ।

ମାଗିବିନି ଆଉ ପୁଷ୍ପର ସୌନ୍ଦର୍ଯ୍ୟ
ଅବା ଅଙ୍ଗ ମକରନ୍ଦ
ଝୁମିବି ନାହିଁ ତା' ମୋହିନୀ ମାୟାରେ
ଗାଇ ମୁଁ ଗୀତଗୋବିନ୍ଦ ।

ମଳୟ ବାସରେ ପ୍ରଣୟକୁଞ୍ଜରେ
ହେବିନାହିଁ ମତୁଆଲା
ରେଶମୀ ଶେଯର ସପନକୁଞ୍ଜରେ
ଭାବନା ମଉଳିଗଲା ।

ସାଗରକୁ ଜଳ ମାଗିବି କାହିଁକି
ବେଦନା-ଲହରି ମାରେ
ଧୋଇଦିଏ ସବୁ ସ୍ମୃତି ବେଳାଭୂମି
ବିଦ୍ରୋହ ରଖି ମନରେ ।

ବସୁମତୀ ମୁଖେ ହସଦେବା ପାଇଁ
ଯେ କରୁଛି କୁଳୁନାଦ
ସେ ତଟିନୀ ଆଜି ବୁଝ ନାହିଁ କିମ୍ବା
ହୃଦ-ତଟିନୀ ଦରଦ ।

ନୀଳ ଗଗନରେ ଥାଇ ଲୋ ବଉଦ
ଦେଲୁନାହିଁ ଟୋପେ ନୀର
କାହିଁକି ମାଗିବି ତୋତେ ମୁଁ ସଲିଳ
ଯେ ବୁଝେନି ତୃଷ୍ଣା ମୋର ।

ଅମୃତର ଅଭିଳାଷ ନେଇ ବୃକ୍ଷ
ଯାଚି ଦେଉଥିଲ ଫଳ
କାହିଁଗଲା ପ୍ରୀତିଭରା ଆତ୍ମୀୟତା
ସବୁ ଲାଗୁଛି ନିଷ୍ଫଳ ।

ମାଗିବିନି ମାଟି ମିଠା ସମ୍ମୋହନ
ନିବିଡ଼ ମମତା ମୂଳେ
ଶୁଣିବିନି ଆଉ ଅମୃତ ଗୀତିକା
ସବୁଜ ବନାନୀ କୋଳେ ।

ଆନ୍ତରିକତାରେ ପଡ଼ିଗଲା ଯଦି
କେତେ କଟାଛଟା ଗାର
କାହିଁକି ଜାଳିବି ଶାନ୍ତିର ପ୍ରଦୀପ
ଅନ୍ତର ବେଦୀରେ ମୋର ।

ମୁକୁଳା ମନର ଉଚ୍ଛୁଳା ଲହରି
ନ ଦେଖେ ଯେବେ ଭ୍ରମର
କାହିଁକି ସଞ୍ଚିତ କରିବି ଅମାପ
ପ୍ରେମ ପ୍ରୀତି ବିନ୍ଦୁ ଧାର ।।

 କୁମୁଦିନୀ ବେହେରା, ଅନୁଗୋଳ

# ନାମ ତୁମ ଗାଇ ଗାଇ – ରଙ୍ଗନାଥ ରଥ

September 13, 2021

କାତ, ମାରୁଥିବି ରହି ରହି
ଦଦରା ନାଆରେ ପାରିକରି ଦେବି
ନାମ ତୁମ ଗାଇ ଗାଇ ॥ ୦ ॥

ଶ୍ୟାମ-ହେମ କାନ୍ତି ଯୁଗଳ ମୂରତି
ସଙ୍ଗେ ବିଶ୍ୱାମିତ୍ର ଥାଇ
ସୀତା ସ୍ୱୟଂବରେ ବିଦେହ ନୃପତି
ରହିଥିବେ ବାଟ ଚାହିଁ
ଜଗତ କରତା ଆଜି ମୋ ଅତିଥି
ପାରିହେବେ ଗଙ୍ଗାନଈ ॥ ୧ ॥
କାତ, ମାରୁଥିବି ରହି ରହି…

କାତ ନ ପାଇଲେ ଆହୁଲା ଚାଲିବ
ବାରମ୍ବାର ନାମ ନେଇ
ଡର ନାହିଁ ମୋର ପାଣି ପବନକୁ
ତୁମେ ପାଶେ ଥିଲେ ରହି
ପଥର ଅବଳା ପରଶେ ଯେ ପାଦ
ଦେବି ତାକୁ ଆଗେ ଧୋଇ
ନାମ ତୁମ ଗାଇ ଗାଇ ॥ ୨ ॥
କାତ, ମାରୁଥିବି ରହି ରହି…

ପାରି କରିଦେବା ଆମର ବେଉସା
ଆମେ ଦୁଇ ଭାଇ-ଭାଇ
ଭବ-ସାଗରକୁ କରିଦିଅ ପାରି
କଉଡ଼ି ମୋ ଲୋଡ଼ା ନାହିଁ
ସକଳ କାମନା ତୋର ଶ୍ରୀଚରଣେ
ଅରପୁଛି ପଦେ ଧ୍ୟାୟୀ
ନାମ ତୁମ ଗାଇ ଗାଇ ॥ ୩ ॥
କାତ, ମାରୁଥିବି ରହି ରହି…

ଗୀତିକାର – ଶ୍ରୀ ରଙ୍ଗନାଥ ରଥ
ବଡ଼ଗଡ଼ ବ୍ରିଟ୍, ଭୁବନେଶ୍ୱର



# ମହାର୍ଘ୍ୟ ଶିରୀ – ପ୍ରଶାନ୍ତ କୁମାର ସାହୁ

September 13, 2021

ସକଳ ଜୀବନ ଦଇବର ଦାନ
ଆହା ! ନପାରିଲି ସଅଳ ବୁଝି,
ମଶାଣି ନୁହେଁ ତ ବହୁଦୂର ଧନ
ସାଉଁଟି ଶରଧା ଦିଅନ୍ତି ଖୁଜି ।

ଯହିଁ ଦେଖ ତହିଁ କରୁଣାର ବାରି
ବରଷି ଯାଉଛି ମୁକ୍ତେ ନୀରତ ,
କିଏବା ପାଇନି ଏ ମହାର୍ଘ୍ୟ ଶିରୀ
ଯାହାରି ଦାନରେ ଚାଲେ ଜଗତ ।

ଅଜ୍ଞାନ ମନର ବିଶୃଙ୍ଖଳ ଇଚ୍ଛା
କରାୟତ କରି ବାହିଲା ଯେଣୁ,
ନ୍ୟୁନ ସଫଳତା ବଳେ ଅଂହ ଆଶା
ଭୁଲିଗଲା ଭବ୍ୟ କରୁଣା ରେଣୁ ।

ଛନ୍ଦହୀନ ଏଇ ଜୀବନ ସରିତା
କୁଶଙ୍କେ ଧାବିତ ବନ୍ଧୁର ପଥେ,
ବେସୁରା ସଙ୍ଗୀତେ ନାହିଁ ମୁଗ୍ଧତା
ଶୁଣିବାକୁ କେହୁ ରହିଣ ସାଥେ ।

ନିବୀଡ଼ ହୋଇଲା ମନ ହାହାକାର
ଶୂନ୍ୟତାର ସୀମା ଗଲା ସେ ଡେଇଁ,
ଅବାକ ହୋଇଲା ବିରଳ ଅନ୍ତର
ବିଷାଦେ ଆପାଣା ଅତିଥି ହୋଇ l

କିମ୍ବା ଭୁଲିଗଲା ଶୁଦ୍ଧ ନେତ୍ର ମୋର
ସରଳ ପଥକୁ ନ ଆପଣାଇ ,
କେଉଁ ଭାବନାର ପ୍ରବାହ ହୃଦର
ଆଲିଙ୍ଗନେ ଗଲା କୁଟିଳ ହୋଇ l

ପଲକେ ବଦଳେ ଏଠି ସବୁକିଛି
ହୃଦୟେ ପ୍ରତୀତ ସବୁ ନଶ୍ବର,
ମଶାଣିରେ ଖାଲି ଅମର ରହିଛି
ମିତ୍ରତା ଆଦର ସ୍ନେହ ମଧୁର l

ପ୍ରଶାନ୍ତ କୁମାର ସାହୁ, ଛତ୍ରଗଡ଼, ଖୋର୍ଦ୍ଧା

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ତେଲୁଣି ପୋକ – ଶୁଭକାନ୍ତ ସାହୁ

September 13, 2021

ଛୁକ୍ ଛୁକ୍ ଛୁକ୍ ଶୁଭୁନି ସିନା
ଚାଲେ ତ ରେଳ ଗାଡ଼ି,
ବିପଦ ପଡ଼ିଲେ ଦେହକୁ ତା'ର
କୁଣ୍ଡଳୀରେ ଦିଏ ମୋଡ଼ି
ଲୋଡ଼େ ନାହିଁ ସିଏ ରେଳପଥ
ଯେଣେ ଇଛା ଯାଏ ମାଡ଼ି,
ବିପଦ ହଟିଲେ କୁଣ୍ଡଳୀ ଭିତରୁ
ମୁଣ୍ଡ ପୁଣି ଦିଏ କାଢ଼ି।
ଲୋଡ଼େ ନାହିଁ ସିନା ରେଳ ପଥ
ଦେହେ ଚାଲିଗଲେ ସିଏ,
ରେଳପଥ ପରି କଳା କଳା ହୋଇ
ଦାଗ ପୁଣି ପଡ଼ିଯାଏ।
କୁଣ୍ଡଳୀକୁ ଦେଖି ପରିହାସେ ଜେଜେ
କହନ୍ତି ପଇସାଟିଏ,
ଓଳିଆରୁ ଗଜା ନାତିଟୋକା କହେ
ତେଲୁଣୀ ପୋକ ତ ସିଏ।
ହସାହସି ଜେଜେ ନାତି
ତେଲୁଣୀ ପୋକତ ନିରୀହ ଜୀବଟେ
କରେନି କାହାର କ୍ଷତି।

ଶୁଭକାନ୍ତ ସାହୁ
ଦେଉଳପଲ୍ଲୀ, କଳମ୍ବ, ପୋଲସରା, ଗଞ୍ଜାମ,
ପିନ୍:୭୬୧୧୦୫
ମୋ: ୯୮୬୧୭୩୨୨୫୬

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ତମେ ଅଛ ହୃଦୟରେ – ସତ୍ୟବାଦୀ ସାହୁ

September 13, 2021

ତମେ ଆଜି କାହିଁ ଭାରି ମନେ ପଡ,
ଉଣେଇଶ ବର୍ଷ ହୋଇଥିଲା ତମକୁ
ମୋ ବୟସ ତେଇଶ ହେବ କି ନହେବ
ବିବାହ ବନ୍ଧନରେ ବାନ୍ଧି ହୋଇଗଲେ ଆମେ,
ଲାଲ୍ ଠୁକ୍ ଠୁକ୍ ସାଧବ ବୋହୂ ସାଜି
ଯେତେବେଳେ ଆମ ଘରେ ପାଦ ଥାପିଥିଲ ତମେ
ପରିବାରରେ ଖୁସି ଓ ଆନନ୍ଦ କହିଲେ ନସରେ,
ସଂସାର କ'ଣ ଜାଣି ନଥିଲ, କିନ୍ତୁ
ଖୁବ୍ ଶୀଘ୍ର ସମସ୍ତଙ୍କୁ ନିଜର କରିନେଲ

ଆପଣା ପଣରେ,
ସୁଖର ସଂସାର ବସିଗଲା
ଧୀରେ ଧୀରେ ଆମ ବସା
କୋଳାହଳମୟ ହୋଇଗଲା,
କୁନି କୁନି ପରଜାପତିଆ ଡେଣା ଲାଗିଥିବା
ଶିଶୁ ଶାବକମାନେ ଖଣ୍ଡିଉଡା ଦେବାକୁ ଲାଗିଲେ,
କ୍ରମେ ସ୍ୱାଧୀନମନା ବିହଙ୍ଗମାନେ
ମୁକ୍ତ ଆକାଶରେ ଉଡିଗଲା ପରେ ବି ;
ଜୀବନର ସାୟାହ୍ନରେ
ଆମ ସଂସାର ଠୁକ୍ ଠାକ୍ ଚାଲିଥିଲା
ଦୁହେଁ ଦୁହିଁଙ୍କୁ ଆଶ୍ରା କରି।

ହଠାତ୍ ଏକ କାଳରାତ୍ରିର ନିଶବ୍ଦ ପ୍ରହରରେ
ଅଦିନିଆ ଝଡ଼ ବତାସଟା କାହୁଁ ଆସି
ଆମ ବସା ଭାଙ୍ଗିଦେଲା,
ଝଡ ବତାସର ନିର୍ମମ ସ୍ପର୍ଶରେ
ଖିନ୍ ଭିନ୍ନ ହୋଇଗଲା ଆମ
ଛୋଟିଆ ସଂସାର,
ଘନ ଅନ୍ଧକାର ଭିତରେ ତମେ ଉଡ଼ିଗଲ
କେଉଁ ଅଜଣା ଇଲାକାକୁ,
ନିଃସଙ୍ଗ ଜୀବନର ଚଉହଦି ଭିତରେ
ତମ ଫେରିବା ବାଟକୁ ଚାହିଁ ଚାହିଁ
ଆଖି ପାଣି ଆଖିରେ ମଲା ସିନା
ତମେ ଆଉ ଫେରିଲନାହି ସେ
ଅଫେରା ରାଇଜୁ।

ରାତି ଆସି ଅନେକ ହେଲାଣି
ରାତି ପାହିଲେ ପହିଲି ରଜ,
ଭାବନାର ସୂତା ଖିଅରେ
ସ୍ମୃତିର କୁସୁମ ଗୁନ୍ଥୁ ଗୁନ୍ଥୁ
ଝିଅ ଘରକୁ ରଜସଜ
ଅତି ଯତନରେ ବାନ୍ଧିଥିଲେ ବି, ଲାଗୁଛି
ମା'ର ସ୍ନେହ,ମମତା ଓ ମନ ଆଗରେ
ମୁଁ ଯେମିତି ଫିକା ପଡି ଯାଉଛି ।

ବଡଇଚ୍ଛାପୁର, ଜଟଣୀ
ମୋ: ନଂ- ୯୪୩୭୨୮୭୨୮୦



# ଭାଇରେ ଜପ ଶ୍ରୀରାମନାମ – ରଙ୍ଗନାଥ ରଥ

September 13, 2021

ଭାଇରେ ଜପ ଶ୍ରୀରାମନାମ
ଜାନକୀବଲ୍ଲଭ ରଘୁନନ୍ଦନ
ଭାଇରେ ଜପ ଶ୍ରୀରାମନାମ ॥ ୦ ॥

ଇନ୍ଦ୍ର ନୀଳମଣି ସେ ଦିବ୍ୟକାନ୍ତି
ବାମରେ ଜାନକୀ ବସିଅଛନ୍ତି
ଲକ୍ଷ୍ମଣ ଭରତ ଶତ୍ରୁଘ୍ନ ଭାଇ
ଆଲଟ ଚାମର ଦିଅନ୍ତି ରହି
ପଦସେବକ ବୀର ହନୁମାନ
ବିଜେ ଅଯୋଧ୍ୟା ରତ୍ନସିଂହାସନ ॥ ୧ ॥
ଭାଇରେ ଜପ ଶ୍ରୀରାମନାମ…

ପୁରୁଷ-ଉତ୍ତମ ଆନନ୍ଦକର
ଧନୁସାୟକଧର ରଘୁବୀର
ଅଖିଳ ବ୍ରହ୍ମାଣ୍ଡ କରତା ହୋଇ
ମାନବ ଆଦର୍ଶ ଦେଲେ ବୁଝାଇ
ପିତୃସତ୍ୟ ପାଳି ଚଳିଲେ ବନ
ତ୍ୟାଗପଥ ଶିକ୍ଷା ଦେଲେ ବହନ ॥ ୨ ॥
ଭାଇରେ ଜପ ଶ୍ରୀରାମନାମ…

ବଡ଼ଗଡ଼ ବ୍ରିଟ୍, ଭୁବନେଶ୍ୱର

# କୁବେର ଗରବ ଭାଙ୍ଗିଲା – ଘନଶ୍ୟାମ ସାହୁ

September 13, 2021

ଧନର ଦେବତା କୁବେର
ଦିନେ ଭାବିଲେ ମନେ
ମୋହ ସମକକ୍ଷ ହେବେ କି
କିଏ ତିନି ଭୁବନେ ?
ଧନରତ୍ନ ମୋର ଅମାପ
କିଏ ପାରିବ କଳି ?
ମନେ ଉପୁଜିଲା ଗରବ
ଉତ୍ତପ୍ତ ଦୁଧ ପରି ।
ଚିନ୍ତାକଲେ ଦିନେ ଡାକିବେ
ସର୍ବ ଦେବାଦେବୀଙ୍କୁ
ଭୋଜନରେ ତୃପ୍ତ କରିବେ
କଥା ଥିବ କାଳକୁ ।
ଶିବକୃପା ବଳେ ଅମାପ
ଧନ ମାଲିକ ମୁହିଁ,
ସେ ତ ମୋ ଆରାଧ ଦେବତା
ତାଙ୍କୁ ଭୁଲିବି କାହିଁ ?
ନାରଦମୁନିଙ୍କୁ ଡ଼କାଇ
ଅନୁରୋଧ କରିଲେ
ନିମନ୍ତ୍ରଣ ଦେବାଦେବୀଙ୍କୁ
ଦାୟିତ୍ୱ ଅରପିଲେ ।
ନିଜେ ଯାଇ କଇଳାସକୁ
ପୂଜି ଶିବ ପୟର
ସପରିବାରକୁ ଲୋଡିଲେ
ଯିବେ ଭୋଜି ଆସର ।
ଜାଣିଲେ କୁବେର ଗରବ
ସର୍ବ ସମ୍ପଦ ପାଇଁ
ସମୁଚିତ ଶିକ୍ଷା ଦେବାକୁ
ସ୍ଥିର କଲେ ଗୋସାଇଁ ।
କହିଲେ ବାବୁରେ ପ୍ରସନ୍ନ
ତୋର ଭକ୍ତିରେ ମୁହିଁ
ଯାଇ ନ ପାରିବି ଭୋଜିକୁ
ମୋର ବାର୍ଦ୍ଧକ୍ୟ ପାଇଁ ।
କନିଷ୍ଠ ସନ୍ତାନ ଗଣେଶ
ନିଶ୍ଚେ ଯିବେ ଭୋଜିକୁ
ଆଣ ନାହିଁ ଅନ୍ୟ ଭାବନା
କିଛି ତୋର ମନକୁ ।
ସେଠାରୁ ଫେରିଲେ ଅଳକା
ବ୍ୟସ୍ତ ଆୟୋଜନରେ
ଉପସ୍ଥିତ ଆସି ଅତିଥି
ନିର୍ଦ୍ଧାରିତ ଦିନରେ ।
ସଠିକ୍ ସମୟେ ପହଞ୍ଚି
ଲମ୍ବୋଦର ଗଣେଶ
ଭୋଜି ସଭାସ୍ଥଳ ଦେଖିଲେ
ମନେ ହେଲେ ହରଷ ।
କୁବେରଙ୍କୁ ଡାକି କହିଲେ
କ୍ଷୁଧା ହୁଏ ପ୍ରବଳ
ଭୋଜନେ କରାଅ ସନ୍ତୋଷ
କରନାହିଁ ଉଚ୍ଛୁର ।
ରନ୍ଧନ ଶାଳରେ ବସାଇ
ସ୍ୱତନ୍ତ୍ର ଆସନରେ
ଭୋଜନ ସମର୍ପିବା ପାଇଁ
କହିଲେ ପରିଚାରେ ।
ଯେତେ ଖାଦ୍ୟ ପରଶିଦେଲେ
ମୁହୁର୍ତ୍ତେ ଶେଷ ହୁଏ
ଆହୁରି ଆଣିବା ପାଇଁକି
ନିର୍ଦ୍ଦେଶ ଦିଆଯାଏ ।
ପ୍ରସ୍ତୁତ ସର୍ବ ଖାଦ୍ୟ ଖାଇ
ପୂରେ ନାହିଁ ଉଦର
ହସି କହିଲେ ଗଣନାଥ
ଦିଅ ଖାଦ୍ୟ କୁବେର ।
ଗର୍ବ ଅହଙ୍କାର ଧନର

କ୍ଷଣେ ହୋଇଲା ଶେଷ
ପାଦେ ପଡି କ୍ଷମା ମାଗିଲେ
ତ୍ରାହି କର ଗଣେଶ ।
ଗରବ ବହିଲି ମନରେ
ଛାର ସମ୍ପଦ ପାଇଁ
ରକ୍ଷା କର ଏ ବିପତ୍ତିରୁ
ଲଜ୍ଜା ପାଇଲି ମୁହିଁ ।
କ୍ଷମା କଲେ ବିଘ୍ନନାଶନ
ପୂର୍ବ ସ୍ଥିତି ଫେରିଲା
କୁବେର ଗରବ ଭାଙ୍ଗିଲା
ଆନନ୍ଦେ ଭୋଜି ହେଲା ।

ଘନଶ୍ୟାମ ସାହୁ
ସହ ସମ୍ପାଦକ-ତ୍ରିଧାରା ସାହିତ୍ୟ ସଂସଦ,
ବଇଣ୍ଡା, ଜିଲ୍ଲା – ଅନୁଗୋଳ,
ମୋବାଇଲ୍ ନମ୍ବର୍ – ୭୯୭୮୦୫୭୬୯୫

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଚୀନ୍ ର ସାମୁଦ୍ରିକ ରଣ କୌଶଳ – ଡକ୍ଟର ଲକ୍ଷ୍ମଣ ସାହୁ

September 13, 2021

ଆନ୍ତର୍ଜାତୀୟ ସାମୁଦ୍ରିକ ଆଇନର ମିଳିତ ପାର୍ଟିକୁ ଚ୍ୟାଲେଞ୍ଜ କରିବାକୁ ଚିନ୍ ସଂକଳ୍ପବଦ୍ଧ ହୋଇଛି । ସେ ଏ ଦିଗରେ ଏକ ବଡ ପଦକ୍ଷେପ ନେଇ ଦକ୍ଷିଣ ଚୀନ୍ ସାଗର ଓ ପୂର୍ବ ଚୀନ୍ ସାଗରରେ ଏକ ମସ୍ତବଡ ସାମୁଦ୍ରିକ ନିୟମ କାର୍ଯ୍ୟକାରୀ କରିଛି । ଏହି ନିୟମଗୁଡିକ ମାଧ୍ୟମରେ ଚୀନ୍ ଅନ୍ତର୍ଜାତୀୟ ସମୁଦ୍ରରେ ହସ୍ତକ୍ଷେପକୁ ସିଧାସଳଖ ବୃଦ୍ଧି କରି ବିସ୍ତାରବାଦୀ ନୀତି ପ୍ରଣୟନ କରୁଛି । ଏହି ନୂତନ ସାମୁଦ୍ରିକ ନିୟମ ଅନୁଯାୟୀ ଚୀନ୍‌ର ସାମୁଦ୍ରିକ ସୀମା ଦେଇ ଯାଉଥିବା ସମସ୍ତ ଜାହାଜକୁ ଚୀନ୍ କର୍ତ୍ତୃପକ୍ଷଙ୍କୁ ସମସ୍ତ ପ୍ରକାର ସୂଚନା ଦେବାକୁ ପଡ଼ିବ । ଯଦି କୌଣସି ବିଦେଶୀ ଜାହାଜ ଚୀନ୍‌କୁ ଅନୁରୋଧ କରାଯାଇଥିବା ସୂଚନା ପ୍ରଦାନ ନକରେ, ତା'ହେଲେ ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱ-ପ୍ରଶାସନ ରହିବ । ବାସ୍ତବରେ ଚୀନ୍ ନିଜେ ସାମୁଦ୍ରିକ ପରିବହନ ପାଇଁ ଏହି ନିୟମ ଲାଗୁ କରିଛି । ଏହି ଆଇନର ବାହାନା କରି ଚୀନ୍ ଦକ୍ଷିଣ ଚୀନ୍ ସାଗରର ଅନ୍ୟ ଦେଶକୁ ସାମୁଦ୍ରିକ କଟକଣା ସମସ୍ୟା ସୃଷ୍ଟି କରୁଛି ।

ଯଦି କୌଣସି ଦେଶ ଏହି ସୀମାରେ ଅନୁପ୍ରବେଶ କରିବ ଚୀନ ସେହି ସମୟରେ ଦକ୍ଷିଣ ଚୀନ୍ ସାଗରର ପରିବହନ ମାର୍ଗରେ ନିଜର ଦାବିକୁ ଦୃଢ଼ କରିବାକୁ ଚେଷ୍ଟା କରିବ । ବାସ୍ତବରେ ଦେଖିବାକୁ ଗଲେ ଦକ୍ଷିଣ ଚୀନ୍ ସାଗରରୁ ଦୁଇ ଶହ ଚାଳିଶ ଲକ୍ଷ କୋଟି ଟଙ୍କା କାରବାର ହେଉଛି । ଏହି ମାର୍ଗ ମାଧ୍ୟମରେ ଭାରତ ବାର୍ଷିକ ପ୍ରାୟ ଚଉଦ ଲକ୍ଷ କୋଟି ବ୍ୟବସାୟ କରିଥାଏ । ପ୍ରକୃତରେ ଏହା ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ ମାର୍ଗ, ଯାହା ବିଶ୍ୱର ସାମୁଦ୍ରିକ ବାଣିଜ୍ୟର ଏକ ତୃତୀୟାଂଶ ଅଟେ । ତେଣୁ ନୂଆ ସାମୁଦ୍ରିକ ଆଇନର ବାହାନା କରି ଚୀନ୍ ପୂର୍ବ ଚୀନ୍ ସାଗର ଓ ଦକ୍ଷିଣ ଚୀନ୍ ସାଗରକୁ ଯାଉଥିବା ବିଦେଶୀ ଜାହାଜକୁ ହଇରାଣ କରିବ ବୋଲି ଆଶଙ୍କା କରାଯାଉଛି । ଏହି କାରଣରୁ, ଅନେକ ଦେଶ ସହିତ ଚୀନ୍ ବିବାଦର ସମ୍ମୁଖୀନ ହେବାର ବିପଦ ରହିଛି । ଜାପାନ୍ ତା'ର ବିଭାଗୀୟ ସ୍ୱାର୍ଥ ପୂରଣ ପାଇଁ ଏହି ମାର୍ଗ ମାଧ୍ୟମରେ ପେଟ୍ରୋଲିୟମ ସାମଗ୍ରୀର ଏକ ବୃହତ ଯୋଗାଣ କରିଥାଏ । ସାମୁଦ୍ରିକ କ୍ଷେତ୍ରକୁ ନେଇ ଚୀନ୍ ଏବଂ ଜାପାନ ମଧ୍ୟରେ ଲାଗି ରହିଥିବା ବିବାଦ ମଧ୍ୟ କାହାଠାରୁ ଲୁକ୍କାୟିତ ନୁହେଁ । ନୂତନ ସାମୁଦ୍ରିକ ନିୟମ ଅନୁଯାୟୀ ଚୀନ୍ ଭାରତ ପରି ଦେଶର ଆର୍ଥିକ ସ୍ୱାର୍ଥ ଉପରେ ମଧ୍ୟ ପ୍ରଭାବ ପକାଇବ । କାରଣ ଭାରତର ସମୁଦାୟ ସାମୁଦ୍ରିକ ବାଣିଜ୍ୟର ପ୍ରାୟ ପଚାଶଟି ଦକ୍ଷିଣ ଚୀନ୍ ସାଗର ମାର୍ଗ ଦେଇ କରାଯାଇଥାଏ ।

ବର୍ତ୍ତମାନ ଚୀନ୍‌ର ଏହି ନୂତନ କାର୍ଯ୍ୟର ପ୍ରଭାବ ଦ୍ୱାରା ବାଣିଜ୍ୟରେ ଜାପାନ, ଦକ୍ଷିଣ କୋରିଆ ଆଦି ଦେଶ ସହିତ ଭାରତ ପାଇଁ ବାଧା ସୃଷ୍ଟି ହୋଇପାରେ । ଭିଏତନାମ ସାମୁଦ୍ରିକ ଉପସ୍ଥିତ ଥିବା ଗ୍ୟାସ ଏବଂ ତୈଳର ଅନୁସନ୍ଧାନ ପାଇଁ ଭାରତ ଏବଂ ଭିଏତନାମ ମଧ୍ୟରେ ମଧ୍ୟ ଚୁକ୍ତି ହୋଇଛି । ଭିଏତନାମର ଏହି ସାମୁଦ୍ରିକ କ୍ଷେତ୍ର ପ୍ରକୃତରେ ଚୀନ୍‌ର ସାମୁଦ୍ରିକ ଅଞ୍ଚଳ ବୋଲି ଦାବି କରି ଚୀନ୍ ଆରମ୍ଭରୁ ଏହି ଚୁକ୍ତିନାମାକୁ ବିରୋଧ କରିଆସୁଛି । ସାମୁଦ୍ରିକ କ୍ଷେତ୍ରରେ ଚାଇନାର ସମ୍ପ୍ରସାରଣ ନୀତି ସ୍ପଷ୍ଟ ହୋଇଛି । ଚୀନ୍ ଇତିହାସ ପ୍ରତି ଧ୍ୟାନ ଦେଉନାହିଁ କିମ୍ବା ଆନ୍ତର୍ଜାତୀୟ ନିୟମ ଏବଂ ବାସ୍ତବତାକୁ ମାନୁନାହିଁ । କିନ୍ତୁ ଭୁଲ୍ ସମ୍ପ୍ରସାରଣ ରେଖାକୁ ଦୃଢ କରିବା ପାଇଁ ଇତିହାସକୁ ବ୍ୟବହାର କରୁଛି । ଏହା ଇତିହାସର ପ୍ରମାଣ ସହିତ ବିକୃତ ହୋଇଛି । ଚୀନ୍ ବର୍ତ୍ତମାନ କରିଥିବା ସାମୁଦ୍ରିକ ଆଇନ ହେଉଛି ଆନ୍ତର୍ଜାତୀୟ ଚୁକ୍ତିନାମା ଏବଂ ଆଇନର ସ୍ପଷ୍ଟ ଉଲ୍ଲଂଘନ । ନଦୀ ଓ ସମୁଦ୍ରରେ ଏହାର ବିସ୍ତାରବାଦୀ ନୀତି ଯୋଗୁଁ ଏଭଳି ଜଟିଳ ସମସ୍ୟା ସୃଷ୍ଟି ହୋଇଛି । ଏଥିପାଇଁ ଚୀନ୍ ଅନ୍ୟ କମ୍ୟୁନିଷ୍ଟ ଦେଶମାନଙ୍କ ସହିତ ଜଡିତ ରହିଛି । ଭିଏତନାମ ଏବଂ ସ୍ୱେନ୍ ଏହାର ଉଦାହରଣ । ଦେଖିବାକୁ ଗଲେ ଗତ ଶତାବ୍ଦୀର ସାତ ଦଶନ୍ଧିରେ ଚୀନ୍ ଏବଂ ତତ୍କାଳୀନ ସୋଭିଏତ୍ ୟୁନିଅନ୍ ମଧ୍ୟରେ ସଂଘର୍ଷ ଲାଗିଥିଲା ।

ଏହି ବିବାଦର ମୁଖ୍ୟ କାରଣ ହେଉଛି ଉସ୍ରି ନଦୀର ଦ୍ୱିପ, ଯାହାକୁ ଚୀନ୍ ନିଜର ବୋଲି ଦାବି କରିଛି । ବର୍ତ୍ତମାନ ସେ ଭିଏତନାମର ସମୁଦ୍ର ଅଞ୍ଚଳରେ ଅନୁପ୍ରବେଶ କରୁଛି । ଉଲ୍ଲେଖଯୋଗ୍ୟ, ଚୀନ୍ ଏବଂ ଭିଏତନାମ ମଧ୍ୟରେ ମଧ୍ୟ ବିବାଦ ଲାଗି ରହିଛି। ଦକ୍ଷିଣ ଚୀନ୍ ସାଗରରେ ଚୀନ୍ ଅନେକ ଦେଶକୁ ଅସୁବିଧାରେ ପକାଇଛି । ଦକ୍ଷିଣ ଚୀନ୍ ସାଗରରେ ଭିଏତନାମ, ମାଲେସିଆ, ଇଣ୍ଡୋନେସିଆ, ଫିଲିପାଇନ୍ସର ସାମୁଦ୍ରିକ କ୍ଷେତ୍ର ଦାବି କରିଆସୁଛନ୍ତି ଏବଂ ଏହାକୁ ନିଜ ଅଞ୍ଚଳ ବୋଲି ଦାବି କରୁଛନ୍ତି । ସେମାନେ ଦୀର୍ଘ ଦିନ ଧରି ଏପରି ଦାବି ମଧ୍ୟ କରି ଆସିବା ସହିତ ସେମାନଙ୍କ ସପକ୍ଷରେ ଇତିହାସର ପୃଷ୍ଠଭୂମିକୁ ଦର୍ଶାଇଥିଲେ । ଅନ୍ୟ ପକ୍ଷରେ ମିଙ୍ଗ ଶାସକମାନଙ୍କ ସମୟରେ କରାଯାଇଥିବା ସାମୁଦ୍ରିକ ସାମରିକ ଅଭିଯାନ ଉପରେ ଆଧାର କରି ଚୀନ୍ ଅନେକ ସାମୁଦ୍ରିକ ଅଞ୍ଚଳ ଦାବି କରିଆସୁଛି । କରୋନା ଅବଧି ସମୟରେ ମଧ୍ୟ ଚୀନ୍ ଏହି କାର୍ଯ୍ୟରେ ପଛରେ ପଡିନାହିଁ ।

ଯେତେବେଳେ ବିଶ୍ୱ କରୋନା ସହିତ ଲଢ଼େଇ କରିବାରେ ନିୟୋଜିତ ଥିଲା, ସେତେବେଳେ ଚାଇନାର ଜାହାଜ ଭିଏତନାମର ସମୁଦ୍ର ଅଞ୍ଚଳରେ ଅନୁପ୍ରବେଶ କରୁଥିଲା । ଚୀନ୍ ଭିଏତନାମ ମାଛଧରାଳିଙ୍କ ଡଙ୍ଗା ଭାଙ୍ଗି ଦେଇଥିଲା । ଦକ୍ଷିଣ ଚୀନ୍ ସାଗରରେ ମାଲେସିଆର ତୈଳ ଖଣି ଜାହାଜ ସହିତ ଏହା ଧକ୍କା ହୋଇଥିଲା । ଇଣ୍ଡୋନେସିଆ ଏହା ମଧ୍ୟ ଅଭିଯୋଗ କରିଛି ଯେ ଚୀନ୍ ଏହାର ସ୍ୱତନ୍ତ୍ର ସାମୁଦ୍ରିକ ଅର୍ଥନୈତିକ ଅଞ୍ଚଳରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରିଛି । ସାମୁଦ୍ରିକ ପରିବହନ କ୍ଷେତ୍ରରେ ଚାଇନାର ପ୍ରାଧାନ୍ୟକୁ ଦୃଢ଼ କରିବା ପାଇଁ ରଣନୀତି ପଛରେ ଥିବା ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି । ସେଭଳି ସଡ଼କ ଓ ରେଳ ପରିବହନ ପଥରେ ଚୀନ୍ ଭୌଗୋଳିକ ରାଜନୈତିକ ବିପଦକୁ ବଢାଇ ଦେଇଛି । ଉଦାହରଣ ସ୍ୱରୂପ, ବେଲ୍ଟ ଏବଂ ରୋଡ୍ ଇନିସିଏଟିଭ୍ ଏହାର ମଧ୍ୟ ଏସିଆରେ ବିସ୍ତାର ପାଇଁ ବଡ଼ ବିପଦ ସୃଷ୍ଟି କରେ । ଆଫଗାନିସ୍ତାନ ଏବଂ ପାକିସ୍ଥାନରେ ଆତଙ୍କବାଦ ଚାଇନାର ଅର୍ଥନୈତିକ ବିସ୍ତାର ପାଇଁ ସବୁଠାରୁ ବଡ ଆହ୍ୱାନ ଭାବରେ ଉଭା ହୋଇଛି ।

ଉଲ୍ଲେଖଥାଉ କି, ଚୀନ୍ ଦକ୍ଷିଣ ଚୀନ୍ ସାଗରରେ ଏକ ସୁଚିନ୍ତିତ ରଣନୀତି ସହିତ ଆରବ ସାଗର ପର୍ଯ୍ୟନ୍ତ ଥିବା ଅଞ୍ଚଳ ଉପରେ ପ୍ରାଧାନ୍ୟ ବିସ୍ତାର କରୁଛି । କାରଣ ବିଶ୍ୱ ବାଣିଜ୍ୟର ଏକ ବଡ଼ ଅଂଶ ଏହି ସମୁଦ୍ର ମାର୍ଗ ଦେଇ ଯାଇଥାଏ । ତେଣୁ ଚୀନ୍ ସାମୁଦ୍ରିକ ପରିବହନ ଉପରେ ନିଜର ପ୍ରାଧାନ୍ୟ ବଢାଇବା ପାଇଁ ଖୋଲାଖୋଲି ଭାବରେ ନିଜର ସେନା ବ୍ୟବହାର କରୁଛି, ଏଥିରେ ଦ୍ୱିମତ ହେବାର ସଂଦେହ ନାହିଁ । ପିପୁଲ୍ସ ଲିବରେସନ୍ ଆର୍ମି ସମୁଦ୍ରରେ ନିଜର ଶକ୍ତି ବୃଦ୍ଧି କରିଛି । ବର୍ତ୍ତମାନ ଚୀନ୍‌ର ଏକ ବୃହତ ନୌସେନା ଅଛି ଯାହା ଦକ୍ଷିଣ ଚୀନ୍ ସାଗରରୁ ଆରବ ସାଗର ପର୍ଯ୍ୟନ୍ତ ନିଜର ଶକ୍ତି ପ୍ରଦର୍ଶନ କରିପାରିବ । ଚୀନ୍

ନୌସେନାରେ ପ୍ରାୟ ତିନି ଶହ ପଚାଶ ସମୁଦ୍ର ଜାହାଜ ଏବଂ ବୁଡ଼ାଜାହାଜ ଅଛି । ଯେତେବେଳେ ଆମେରିକାର ନୌସେନାରେ ପ୍ରାୟ ଦୁଇ ଶହ ନବେ ଜାହାଜ ଅଛି । ଏହା ବ୍ୟତୀତ ଚୀନ୍ ସାମୁଦ୍ରିକ କ୍ଷେତ୍ରରେ ନିଜର ଶକ୍ତି ବୃଦ୍ଧି ପାଇଁ କ୍ଷେପଣାସ୍ତ୍ର ଅଗ୍ନି ଶକ୍ତିକୁ ମଧ୍ୟ ମଜବୁତ କରି ରଖିଛି । ଚାଇନାରେ ବର୍ତ୍ତମାନ ଏକ ହଜାର ଦୁଇଶହ ପଚାଶ ବାଲିଷ୍ଟିକ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ଅଛି । ରୁଷ ସହିତ ସହଯୋଗ କରି ସମୁଦ୍ରରେ ନିଜର ଶକ୍ତି ବୃଦ୍ଧି କରିବାକୁ ଚୀନ୍ ରଣନୀତି ଆପଣେଇଛି । ରୁଷର ଏସ୍-୪୦୦ ଏବଂ ଏସ୍-୩୦୦ କ୍ଷେପଣାସ୍ତ୍ର ପ୍ରଣାଳୀ ମଧ୍ୟ ଦକ୍ଷିଣ ଚୀନ୍ ସାଗରରେ ଚୀନ୍ କୁ ମଜବୁତ କରିବ ।

ବାସ୍ତବରେ ଚୀନ୍ ମିଆଁମାର, ଥାଇଲ୍ୟାଣ୍ଡ, ସିଙ୍ଗାପୁର, ଇଣ୍ଡୋନେସିଆ, ପାକିସ୍ଥାନ, ଶ୍ରୀଲଙ୍କା, ସଂଯୁକ୍ତ ଆରବ ଏମିରେଟ୍ସ, କେନିଆ, ସେଚେଲ୍ସ, ତାଞ୍ଜାନିଆ, ଅଙ୍ଗୋଲା ଏବଂ ତାଜିକିସ୍ତାନରେ ସାମରିକ ବେସ ବିସ୍ତାର କରିବାକୁ ଏକ ଯୋଜନା ଉପରେ କାର୍ଯ୍ୟ କରୁଛି । ଜିଆଟିରେ ଚୀନ୍ର ସାମରିକ ଅଂଶ ଅଛି । ଚୀନ୍ କମ୍ୟୁନିଷ୍ଟ ପାର୍ଟି କହିଛି ଯେ ବର୍ତ୍ତମାନ ଆମେରିକା ଏବଂ ଭାରତ ମଧ୍ୟରେ ସମ୍ଭାବ୍ୟ ସହଯୋଗରୁ ଏହା ଅଧିକ ବିପଦର ସମ୍ମୁଖୀନ ହୋଇଛି । ଭାରତ ଏସିଆରେ ଚୀନ୍ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ଉଲ୍ଲେଖଥାଉ କି, ଏସିଆ-ପ୍ରଶାନ୍ତ ମହାସାଗରରେ ଆମେରିକା ଏବଂ ଭାରତର ମିଳିତ ଉଦ୍ୟମ ଚୀନ୍ ପାଇଁ ଏକ ବଡ ଆହ୍ୱାନ । ଚୀନ୍ ରଣନୀତିଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆମେରିକା ଏବଂ ଭାରତ ମିଳିତ ଭାବେ ସାମୁଦ୍ରିକ ପଥକୁ ଅବରୋଧ କରିପାରିବେ । ଜଣାଯାଏ ଏହି ଭୟ ହେତୁ ଚୀନ୍ ୨୦୦୮ ରେ (ଆଡେନ୍ ଗଲ୍ଫରେ) ନିଜର ସାମରିକ ଉପସ୍ଥିତି ପଞ୍ଜିକରଣ କରିଥିଲା । ୨୦୧୩ ରେ ସି ଜିନପିଙ୍ଗ କ୍ଷମତାକୁ ଆସିବା ପରେ ସାମୁଦ୍ରିକ ଅଞ୍ଚଳରେ ଚୀନ୍ର ଶକ୍ତି ବୃଦ୍ଧି କରିବାର ନିଷ୍ପତ୍ତିକୁ ଶୀଘ୍ର କାର୍ଯ୍ୟକାରୀ କରାଇ ନେଇଥିଲେ । ସାମୁଦ୍ରିକ ମାର୍ଗ ଚୂଡାନ୍ତ ହୋଇଛି ।

ଚୀନ୍ ଅନେକ ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିଛି ଓ ସେଠାରେ ଥିବା ବନ୍ଦରଗୁଡିକର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଲାଗିଛି । ଏପରିକି ଚୀନ୍ ଶ୍ରୀଲଙ୍କା, ମିଆଁମାର, ପାକିସ୍ଥାନ ପରି ଦେଶରେ ବନ୍ଦରର ବିକାଶ କାର୍ଯ୍ୟ ନେଇଛି । ଚୀନ୍ ସେଠାରେ ବହୁ ଅର୍ଥ ବିନିଯୋଗ କରୁଛି । ଏହା ପଛରେ ଚୀନ୍ର ଅସଲ ଉଦ୍ଦେଶ୍ୟ ସ୍ୱଷ୍ଟ ହୋଇଛି । ଭବିଷ୍ୟତରେ ଚୀନ୍ ଏହି ବନ୍ଦରଗୁଡିକରେ ନିଜର ସାମରିକ ଉପସ୍ଥିତିକୁ ଦାବି ଜାହିର କରାଇ ପାଇବ । ତେବେ ଏଥିପ୍ରତି ଭାରତ ସଜାଗ ରହିବା ନିହାତି ଅପରିହାର୍ଯ୍ୟ । ଚୀନ୍ ର ସାମୁଦ୍ରିକ ରଣ କୌଶଳ ଆଗାମୀ ସକାଳେ କେଉଁ ରୂପ ନେବ ତାହା ସମୟ ହିଁ କହିବ..!!!

ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,କଟକ -୪
ଦୂରଭାଷ : ୯୦୪୦ ୧୫୧୪ ୭୫
Email: laxmansahoo9040@gmail.com

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ହେଇଗଲୁ ଆଉ କାହାର – ପ୍ରଶାନ୍ତ କୁମାର ନାଥ

September 13, 2021

ପବିତ୍ର ପ୍ରେମରେ କଳଙ୍କ ଲଗେଇ
ହେଇଗଲୁ ଆଉ କାହାର
ମୋତେ ଭଲପାଇ ମଥାରେ ତୋହର
ପିନ୍ଧିଲୁ ଆଉକା' ସିନ୍ଦୁର ।

ଆଉ କାହା ପାଇଁ ପାଟଶାଢ଼ୀ ପିନ୍ଧି
ବିବାହ ବେଦିରେ ବସିଲୁ
ଅଜଣା ଖୁସିରେ ହୋଇଡୁ ବୋଉୋର
ପଛକଥା ସବୁ ଭୁଲିଲୁ ।

ହସି ହସି ହାତେ ମେହେନ୍ଦୀ ମାଖିଲୁ
ପାଦରେ ଅଳତା ନାଇଲୁ
ନୂଆ ସାଥିଟିଏ ବାଛି ନେଇ ପ୍ରିୟା
ନୂଆ ଠିକଣାରେ ରହିଲୁ ।

ଆଉ କାହାକୁ ତୁ ପ୍ରେମ ପରଶିଲୁ
ମୋ ସାଥେ ଛଳନା କରିଲୁ
ମୋତେ ପର କରି ଆଉକାହା ସାଥେ
ଖୁସିରେ ସଂସାର ଗଢ଼ିଲୁ ।

ତୋ ସାରା ଅଙ୍ଗରେ ବୋଳିଥିଲୁ ଦିନେ
ପ୍ରେମର ରଙ୍ଗକୁ ମୋହର
ସେ ପ୍ରେମରେ ପୁଣି କଳଙ୍କ ଲଗେଇ
ହେଇଗଲୁ ଆଉ କାହାର ।

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଅସମାହିତ ପ୍ରଶ୍ନ ଥିଲା – ଡଃ ମାଙ୍ଗଳିକା ମହାପାତ୍ର

September 13, 2021

ଅନେକ ଅସମାହିତ ପ୍ରଶ୍ନ
ମନରେ ଉଙ୍କି ମାରୁଥିଲା
କିଏ ସେ …!!
ନିଶିଥ ରେ କାହିଁକି କାନ୍ଦୁଥିଲା
ତା' ପାଇଁ କଣ ଜୀବନଟା
ଗୋଟେ ଶୃଖିଳା ନଈ ଥିଲା
ଯେଉଁଠି ସେ କେବେ ବନ୍ୟାର
ଆଶା କରି ପାରୁନଥିଲା …

ବ୍ୟସ୍ତତାର ପାହାଚରେ ଧିରେ ଧିରେ
ପାଦରଖି ସଫଳତା ଚାହୁଁ ଥିଲା
ପ୍ରୟାସ କରୁଥିବା ବେଳେ ତାକୁ
ପଛରୁ କିଏ ଭିଡ଼ି ଧରିଲା …!!!

ପଛକୁ ବୁଲି ଯେବେ ସେ ଦେଖିଲା
ଲଙ୍ଗଳା ଛୁଆଟେ ଭିକ ମାଗୁଥିଲା
ଟଙ୍କାଟିଏ ଆଶାରେ ଅଳି କରୁଥିଲା
ନା ତାର ବାପା ଥିଲା
ନା ତାର ମାଆ ଥିଲା
ଏ ନିଷ୍ଠୁର ଦୁନିଆରେ
ଥିଲା ସେ ଏକେଲା ..

କଳଙ୍କିତ ଅଭିମନ୍ୟୁ ସେ
ଚକ୍ରବ୍ୟୁହରେ ଫସି ଯାଇଥିଲା
ଦୁନିଆର ଧନୀ ମହାରଥୀ ଙ୍କ
ପାଖେ କମଜୋର ପଡିଯାଇଥିଲା
ହେଲେ ତାକୁ ଦେଖି କାହାର
ହୃଦୟ ତରଳି ଯାଉ ନଥିଲା

ତାର କଅଁଳ ଡାକ ବି
କାହାର ମନକୁ ଛୁଉଁ ନ ଥିଲା
ଈଶ୍ୱର..ଈଏ କି ସୃଷ୍ଟି ତୁମ ଥିଲା
ହୃଦୟରୁ ଦୟା, କ୍ଷମା ଦୂରାଅନି
ଏତିକି ତୁମପାଖେ ମାଗୁଣି ଥିଲା

ଡଃ ମାଙ୍ଗଳିକା ମହାପାତ୍ର
ରେଭେନସା ବିଶ୍ୱବିଦ୍ୟାଳୟ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ପ୍ରଣାମ ଘେନ – ରୁଦ୍ର ନାରାୟଣ ଦାଶ

September 14, 2021

ପ୍ରଣାମ ଘେନ ହେ ନିଳାଦ୍ରିବିହାରୀ
ଦିଅ ଆଶୀର୍ବାଦ ମୋତେ,
ଶେଷ ନିଃଶ୍ବାସଟା ଥିବା ଯାଏଁ ପ୍ରଭୁ
ଭଜିବି ତୁମ୍ଭଙ୍କୁ ନିତ୍ତେ।୧।
ହେ ମଙ୍ଗଳକାରୀ ମଙ୍ଗଂଲ କର ହେ
ନେଇ ଧର୍ମପଥେ ମୋତେ,
ଥାଉ ପଛେ ସେଠି କଣ୍ଟା ଓ ପଥର
ଚ଼ାଲିବି ମୁଁ ତୁମ ସାଥେ।୨।
ଜୀବନକୁ ମୋର ଅର୍ପି ଶ୍ରୀଚ଼ରଣେ
ଦେବି ବାକି ଦିନ କାଟି,
ନିତ୍ତେ ଗଡୁଥିବି ତୁମ୍ଭ ବଡ଼ଦାଣ୍ଡେ
ଲଗାଇ ଶ୍ରୀକ୍ଷେତ୍ର ମାଟି।୩।
ଆଶା ମୋର ଏହି ବିନତୀ ମୋହର
ଏହି ମଙ୍ଗଳ ପ୍ରଭାତେ,
ରଖ ପ୍ରଭୁ ମୋତେ କଟି ଯାଏ ଦିନ
ବାକି ବା ରହିଲା କେତେ।୪।*

ପ୍ରଣାମ ଘେନ ହେ ନିଳାଦ୍ରିବିହାରୀ
ଦିଅ ଆଶୀର୍ବାଦ ମୋତେ,
ଶେଷ ନିଃଶ୍ବାସଟା ଥିବା ଯାଏଁ ପ୍ରଭୁ
ଭଜିବି ତୁମ୍ଭଙ୍କୁ ନିତ୍ତେ।୧।

ହେ ମଙ୍ଗଳକାରୀ ମଙ୍ଗଂଲ କର ହେ
ନେଇ ଧର୍ମପଥେ ମୋତେ,
ଥାଉ ପଛେ ସେଠି କଣ୍ଟା ଓ ପଥର
ଚ଼ାଲିବି ମୁଁ ତୁମ ସାଥେ।୨।

ଜୀବନକୁ ମୋର ଅର୍ପି ଶ୍ରୀଚ଼ରଣେ
ଦେବି ବାକି ଦିନ କାଟି,
ନିତ୍ତେ ଗଡୁଥିବି ତୁମ୍ଭ ବଡ଼ଦାଣ୍ଡେ
ଲଗାଇ ଶ୍ରୀକ୍ଷେତ୍ର ମାଟି।୩।

ଆଶା ମୋର ଏହି ବିନତୀ ମୋହର
ଏହି ମଙ୍ଗଳ ପ୍ରଭାତେ,
ରଖ ପ୍ରଭୁ ମୋତେ କଟି ଯାଏ ଦିନ
ବାକି ବା ରହିଲା କେତେ।୪।

ନାମ- ରୁଦ୍ର ନାରାୟଣ ଦାଶ



# ଅନ୍ତର୍ଯ୍ୟାମୀ – ପ୍ରଣତି ମହାପାତ୍ର

September 14, 2021

ନିତି ମୋ ନୟନ ତୋ ନୟନେ ମିଶେ
ଧନ୍ୟ ମୁଁ କଳାଶ୍ରୀମୁଖ,
ତୋ ଛଡ଼ା ତୁଳସୀ ତୁଣ୍ଡେ ପାଏ ନିତି
ଲଭୁଛି ଆହା କି ସୁଖ।

ମୁଁ ସିନା ଲଭଇ ଅପାର ଆନନ୍ଦ
ମୋ କୁଡିଆ ଘରେ ରହି,
ଖୁସିରେ ଅଛୁ କି କହରେ କାଳିଆ
ରତ୍ନ ସିଂହାସନେ ତୁହି।

ଆନନ୍ଦରେ କିବା ଅଛୁ ତୁ କାଳିଆ
କହ ମନଖୋଲି ଥରେ,
ଷାଠିଏ ପଉଟି ଭୁଞ୍ଜି କି ପାରୁଛୁ
ବସି ବଡ଼ଦେଉଳରେ।

ବାଇଶି ପାହାଚେ ଭକତ ଗହଳି
ଶୁଣି କି ପାରୁଛୁ ତୁହି,
ଜୟ ଜଗନ୍ନାଥ କେ ଡାକେ କି ଆଉ
ତୋର ନୀଳଚକ୍ର ଚାହିଁ।

କହରେ କାଳିଆ ଶୁଣି କି ପାରୁଛୁ
ଅଭିମାନ ଭରା ଗାଳି,
ଆନନ୍ଦବଜାରେ ଅଭଡ଼ା ପାଇଁ କି
ହୁଏ କି ଆଉ ଗହଳି।

ମୁଁ ଜାଣିଛି ସ୍ରଷ୍ଟା ସୃଷ୍ଟି ତୁ ବିନାଶ
ତଥାପି କି ଲୀଳା ତୋର,
ବାରମାସରେ ପୁରିଲା ନି ତୋ ଆଶା
କହ କି ଭିଆଣ ତୋର।

ଦାସିଆ, ବନ୍ଧୁଆ ପାଇଁ ରତ୍ନସିଂହା
ସନରୁ ଓହ୍ଲାଇ ଆସୁ,
ଆଜି କହ କିଆଁ ନୀରବେ ନୀଷ୍ଚଳେ
ନୀଳକନ୍ଦରରେ ବସୁ।

ଜୟ ଜଗନ୍ନାଥ ଜୟ ଜଗନ୍ନାଥ
ରଖ ଆହେ ମହାବାହୁ,
ତୁମେ ନ ରଖିଲେ କିଏ ବା ରଖିବ
କାହାକୁ ଡାକିବୁ ଆଉ।
ତୁମେ ପ୍ରଭୁ ଥାଉ ଥାଉ।

ପ୍ରଣତି ମହାପାତ୍ର, ବାଲେଶ୍ବର



# ଅଭିମାନିନୀ ବର୍ଷା – କୁମୁଦିନୀ ବେହେରା

September 14, 2021

ପଚାରିଲି କାଲି ଶ୍ରାବଣ ଧାରାକୁ
କାଇଁ ଲୋ କରିଛୁ ତୁ ଅଭିମାନ,
ବୁହାଇ ଦେ ତୋର ଅମୃତ ନିର୍ଝର
ବଞ୍ଚି ରହିବ ସ୍ରଷ୍ଟାଙ୍କ ସୃଜନ l

ଧରଣୀ ବୁକୁରେ କାନ୍ଦେ ସବୁଜିମା
ଧୂସର ବିବର୍ଣ୍ଣ ଅଙ୍ଗ ତାହାର,
ଶ୍ୟାମଳ ତନୁରେ ସାଧବବୋହୂର
ନାହିଁ ନବବଧୂର ଅଭିସାର l

ଭୂମି ଓ ଭୂମାର ମିଳନ ଋତୁର
ମାଦକତା ଆଉ କା’ ପାଖେ ନାହିଁ
ପ୍ରକୃତି ଓଠରେ ମିଳନ ଗୀତିକା
କହ କାହିଁ ପାଇଁ ନେଲୁ ଚୋରେଇ l

କାହିଁ ଇନ୍ଦ୍ରଙ୍କର ପ୍ରୀତିର ତୋରଣ
ପରିପୂର୍ଣ୍ଣ ଶୋଭାର ରଙ୍ଗଶାଳା,
ଦୂର ଗଗନରେ ଦୃଶ୍ୟମାନ କାହିଁ
ନୀଳ ମେଘ ଦେହେ ବଉଦମାଳା l

ଅମୃତ ସଲିଳ ପରଶ ନ ପାଇ
ସୁନା ଫସଲରେ ଲାଗିଛି ନିଆଁ,
ବସୁଧା ନୟନୁ ବହେ ଉଷ୍ଣ ଅଶ୍ରୁ
ନ ପାଇ ମୌସୁମୀ ଶୀତଳ ଛୁଆଁ l

କାହିଁ ବର୍ଷା ତୁମ ମାଟି ମରତରେ
ଭିଜା ଭିଜା ପ୍ରୀତିର ସମାରୋହ,
ତୁମ ବିରସତା ନାଶେ ସରସତା
ସଂସାର ଲାଗୁଅଛି ଦୁର୍ବିସହ l

ଫେରାଇ ଦିଅ ଗୋ ଶାନ୍ତ ମେଦିନୀର
ମନୋହର ସୁଷମାର ସମ୍ଭାର,
ସବୁଜ ବନାନୀ ସୁଷମାମାଳିନୀ
ହସି ଉଠୁ ନୀଳ ଉର୍ମି ସାଗର l

ପିନ୍ଧାଇ ଦେ ଲୋ ବସୁମତୀ ଅଙ୍ଗେ
ସବୁଜ ସୁନ୍ଦର ପାଟର ଶାଢ଼ି,
ତୋ ସ୍ୱାଗତ ପାଇଁ ଭକ୍ତିଅର୍ଘ୍ୟ ଧରି
ଉଭା ପୁଷ୍ପ ଲତା ଧାଡ଼ି କି ଧାଡ଼ି l

ସବୁ ପ୍ରତୀକ୍ଷାର କରି ଅବସାନ
ଓହ୍ଲାଇ ଆସ ଗୋ ଏ ଧରା ପରେ
ବିବର୍ଣ୍ଣ ଧରାକୁ କର ବର୍ଣ୍ଣମୟ
ବସୁମତୀ ହସ ଦିଅ ଓଠରେ ll

କୁମୁଦିନୀ ବେହେରା, ଅନୁଗୋଳ

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ତୁ କି ଯାଇଛୁ ଭୁଲି – ପ୍ରଶାନ୍ତ କୁମାର ନାଥ

September 14, 2021

ଭୁଲିପାରୁନାହିଁ ତୋତେ ମୁଁ ପ୍ରିୟଲୋ
ତୁ କି ଯାଇଛୁ ଭୁଲି
ପ୍ରେମକୁ ମୋହର କବର ଦେଇ ତୁ
କୁଆଡେ ଯାଇଛୁ ଚାଲି ।

ଖୋଜୁଛି ତୋତେ ମୋ ଆହତ ହୃଦୟ
ଖୋଜେ ମୋ ନିରୀହ ଆଖି
ପର ଝାଡ଼ି ଆଜି ସାଜିଛି ଦିବ୍ୟାଙ୍ଗ
ଆମ ସେହି ପ୍ରେମ ପକ୍ଷୀ ।

କିଏ ନେଇଗଲା ତୋତେଲୋ ଚୋରେଇ
କେଉଁଠି ରଖିଲା ନେଇ
କେଉଁ ବନ୍ଦୀଶାଳେ ହୋଇଲୁ ବନ୍ଦୀନି
ମନେ ମୁଁ ପଡିଲି ନାହିଁ ।

ତୁ ଏକା ଜାଣିଛୁ ତୋପାଇଁ ପରା ମୁଁ
ଥିଲି ତୋ ଦେହର ଛାଇ
ସେ ଛାଇକୁ ପ୍ରିୟା ପାଖରୁ ତୋହର
କେମିତି ଦେଲୁ ଦୁରେଇ ।

ଥରୁଟିଏ କହ ଭୁଲି ଯାଇଛୁକି
କରୁଛୁ ତୁ ଅଭିନୟ
ତୁ ବୋଧେ ଜାଣୁନା ତୋବିନା ମୋହର
ଜୀବନଟା ନୁହେଁ ଥୟ ।

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଅତିଥି ହେବକି କୃପାକରି – ରଙ୍ଗନାଥ ରଥ

September 14, 2021

ହେ ଜଟାଧାରୀ ହେ ବନଚାରୀ
ଅତିଥି ହେବକି କୃପାକରି
ହେ ଜଟାଧାରୀ ହେ ବନଚାରୀ ll ୦ ll

ରାଜରାଜେଶ୍ୱର ହୋଇ,
ପିତୃସତ୍ୟ ଶିରେ ନେଇ
ଜାନକୀ ଲକ୍ଷ୍ମଣ ସଙ୍ଗେ ବୁଲୁଅଛ ଧରି
ହେ ଜଟାଧାରୀ ହେ ବନଚାରୀ… ll ୧ ll

କେତେ ଜନମରୁ ମୁହିଁ,
ରହିଅଛି ବାଟ ଚାହିଁ

ରଖିଛି ସାଇତି ମିଠା କୋଳି ଚାଖିକରି
ହେ ଜଟାଧାରୀ ହେ ବନଚାରୀ… ॥ ୨ ॥

ମନ କରିଛି ନିର୍ମଳ,
ଗୁନ୍ଥି ବଣଫୁଲ ମାଳ
ଲମ୍ବାଇବି ଗଳାରେ ମୁଁ ପ୍ରଭୁପଣେ ବରି
ହେ ଜଟାଧାରୀ ହେ ବନଚାରୀ… ॥ ୩ ॥

ପାଛୋଟି ନେବି କୁଟୀର,
ପଦ୍ମପାଦେ ଦେଇ ଶିର
ଶ୍ୟାମ ଶ୍ରୀଅଙ୍ଗ ଦର୍ଶନେ ଯିବି ସିନା ତରି
ହେ ଜଟାଧାରୀ ହେ ବନଚାରୀ… ॥ ୪ ॥

ଗୀତିକାର – ଶ୍ରୀ ରଙ୍ଗନାଥ ରଥ
ବଡ଼ଗଡ଼ ବ୍ରିଟ୍, ଭୁବନେଶ୍ୱର



# ବୁଢ଼ାକୁ ବୁଢ଼ୀ – ମୀନାକ୍ଷି ପାଢ଼ୀ

September 15, 2021

ଗୋଟିଏ ବୁଢ଼ା , ଗୋଟିଏ ବୁଢ଼ୀ,
ଦୁହେଁ ଦୁହିଁଙ୍କୁ ଯୋଡାଯୋଡ଼ି,
ବୁଢ଼ାଟି ଚଗଲା, ବୁଢ଼ୀଟି ଜାଡ଼ି।

ବୁଢ଼ା ଡାକ ଦେଲା ,”ହଇଲୋ ଜାଡ଼ି,
କୁଆଡ଼େ ଗଲା ମୋ ବଙ୍କୁଲି ବାଡ଼ି ?”
ବୁଢ଼ୀ କହିଲା,”ଏଁ ଏଁ ଏଁ”
ବୁଢ଼ା ହସିଲା,”ଫେଁ ଫେଁ ଫେଁ,
ଧେତ୍, ବୁଢ଼ୀ ଶଗଡ଼ ଚକ କେଁ କେଁ କେଁ।”

ବୁଢ଼ା କହିଲା,”ଖାଇବା କର ଚକୁଳି ପିଠା,”
ବୁଢ଼ୀ କହିଲା,”ଏଁ ଏଁ ଏଁ”
ଚକୁଳି ପିଠାରେ ବାଜିଲା ଗୋଡ଼ି,
ବୁଢ଼ାର ଦାନ୍ତ ଗଲା ଝଡ଼ି
ଚକୁଳି ପିଠା ଚେଁ ଚେଁ ଚଁ,
ଦୁହେଁ ହସିଲେ ହେଁ ହେଁ ହେଁ।

ବୁଢ଼ା ବୁଢ଼ୀ ଗଲେ ଯାତରା ଦେଖି,
ବୁଢ଼ା ଲୁଚିଗଲା ଭିଡ଼କୁ ଦେଖି,
ବୁଢ଼ୀ ବସିଥିଲା ରାମଦୋଳି,
ମୁହଁ ବୁଲାଇ ଦେଲା ଉଗାଳି,
ଆସି ଡାକିଲା ,”ଏଁ ଏଁ ଏ◌ଁ,”
ବସି କାନ୍ଦିଲା ଭେଁ ଭେଁ ଭେଁ।

ବୁଢ଼ା ହାତରେ ବମ୍ବେଇ ଲଡୁ,
ବୁଢ଼ୀ କରିଛି ଆଁ ଆଁ ଆଁ,
ବୁଢ଼ା କହିଲା,”ଖା ଖା ଖା”
ବୁଢ଼ୀ କହିଲା,”ଉଁ ଉଁ ଉଁ,”
ନାକ କାନ୍ଦୁରୀ ସୁଁ ସୁଁ ସୁଁ।
ହସିଲା ବୁଢ଼ା, ଖେଁ ଖେଁ ଖେଁ।

ମୀନାକ୍ଷି ପାଢ଼ୀ, ଶିକ୍ଷୟିତ୍ରୀ,ଚିକିଟୀ,
ଗଞ୍ଜାମ,୯୭୭୬୫୪୫୦୦୧

# ଶ୍ରୀ ଗଣେଶ – ଗଗନ ବିହାରୀ ନାୟକ

September 15, 2021

ଜୟ ଗଣେଶ
ଜୟ ଗଣେଶ
ଜୟ ଶ୍ରୀ ଗଣେଶ…

ପ୍ରଭୁ ମହାକାୟ
ଜ୍ଞାନର ନିଳୟ
ପ୍ରଣାମ ଶ୍ରୀପଦେ
ହେ! ପ୍ରଭୁବିଘ୍ନେଶ
ତୁମେ ଜ୍ଞାନ ଦେବ
ପୂଜ୍ଯ ଅଗ୍ରେ ଦେବ ।
ମାତା ଯାର ପାର୍ବତୀ
ପିତା ଶ୍ରୀ ମହେଶ(0)

ଗଜା ନନ ପ୍ରଭୁ
ଆହେ!ପାର୍ବତୀ ନନ୍ଦନ।
ମାତା ପ୍ରିୟ ପୁତ୍ର ତୁମେ ଜ୍ଞାନେ ବିଚକ୍ଷଣ ।
ଶ୍ରୀ ଅଂଗରୁ ଜାତ କଲେ
ମା'ବିନ୍ଧ୍ଯ ବାସିନୀ ।
ନୂଆ ନାମେ ଦେଲେ
ପ୍ରଭୁ ଶୂଳପାଣି ।
ସର୍ବ ଦେବ ଅଗ୍ରେ ପୂଜ୍ଯ
ହେ! ଦେବ ଦେବେଶ
ଜୟ ଶ୍ରୀଗଣେଶ(୧)

ପାଠ ଠାକୁର ହେ!
ପୁରାକର ମନୋରଥ।
ସିଦ୍ଧି ବୁଦ୍ଧି ଜ୍ଞାନ ଦାତା ।
ସର୍ବତ୍ର ବିଦିତ ।
ଆହେ ଲମ୍ବୋଦର
ଘେନ ଆମ ପ୍ରଣିପାତ
ଜ୍ଞାନ ଦାନେ କର ପ୍ରଭୁ
ବିଶ୍ବ ମୂଢ ମୁକ୍ତ ।
ସଦବୁଦ୍ଧି ଦିଅ ଢାଳି
ମାଗେ ମୁଁ ଆଶିଷ (୨)

ଗଗନ ବିହାରୀ ନାୟକ
ମଞ୍ଚେଶ୍ବର,ଭୁବନେଶ୍ବର ।



# ଏଇ ମୋହର ଗାଁ – ନରୋତ୍ତମ ବେହେରା

September 15, 2021

ଏଇ ମୋହର ଗାଁ ରେ ଭାଇ
ଏଇ ମୋହର ଗାଁ
ତା' ମନ୍ଦ ଗୁଣ ଖୋଜିନି ଜମା
ଭଲ ଲାଗେ ତା ନାଆଁ ll୦
ମୋ ଗାଁରେ ଯେତିକି ଅଛି
ତୋଟା ପାହାଡ ସର
ମାଲିକ ତା'ର ନୃସିଂହନାଥ
ଗାଁରେ ମଠଘର l
ଟେକି ତା ଚଉବାହା,
ବିପଦ ବେଳେ ଆନ୍ଧ୍ର କାଳରୁ
ସଭିଙ୍କୁ ହୁଏ ସାହା ll ୧
ମୋ ଗାଁରୁ ଟିକସ କିଛି
ପାଏନି ସରକାର
ଅଧାରୁ ବେଶି ଚାଷ ଜମିର
ପ୍ରଭୁ ମାର୍ଫତଦାର

ଲଗାଇ ହାତ ବାଁ,
କିଛି କପଟୀ ମଠ ଜମିରେ
ଲେଖିଲେ ନିଜ ନାଁ ll୨
ମୋ ଗାଁର ମାଧିଆ ବିକେ
ବିରିରେ ଫେଣ୍ଟି ସୁଜି
ବରାଟା ଗୁଲୁଗୁଲା ଭଳିଆ
ଖାଏ ମୁଁ ଆଖିବୁଜି।
ଶୁଣି ଶଙ୍କରା ନାଁ,
ଲୋକେ କହନ୍ତି କ୍ଷୀରରେ ବେଶି
ପାଣି ଢାଳେ ତା ମା ll ୩
ବିଧବା ବୁଢୀ ଲାଞ୍ଚ ଦେଉଛି
ଲୋଡା ଇନ୍ଦିରା ଘର
ଗାଆଁ ସାଆନ୍ତ ରାସନ ଆଣେ
ଜମି ଶୋଳ ଏକର।
ବିପିଏଲେ ତା ନାଁ,
କହିବୁ କିଆଁ ସର୍କାରୀ ଧନ
ଯେତେ ଖାଉଛୁ ଖା ll୪
ରାସ୍ତା ହେଉକି ମନ୍ଦିର କାମ
ଆଗକୁ ନାହିଁ କେହି
କାମ ସରିଲେ କହି ବୁଲନ୍ତି
ସବୁ କରିଛି ସେହି।
ନିର୍ଲଜ୍ଜ ଫୁଟାଣିଆ,
ତାଙ୍କରି ପାଇଁ ଗାଁ ଉନ୍ନତି
ହେଉଛି ପାଣିଚିଆ ll୫
ଚକରା ଭାଇ ଚନ୍ଦେଇ ଖାଏ
କୁଜି ନେତାଟେ ସାଜି
ଫୁଟାଣି ମାରେ ପୋଲିସ ନେତା
ହାତରେ ତା'ର ଆଜି।
ଯେବେ ଖୋଲେ ତା ଆଁ
ଧମକ ଗାଳି ଗୁଳି ପରିକା
ବାଜିଯାଏ ପିଁପାଁ ll ୬
ହଗୁରୀ ଜେଜି କାନ୍ଥେ ଆଉଜି
ଯାଆକୁ ଦିଏ ଗାଳି
ମାଧିଆ ନନା ମନରେ ହେଜେ
ରାଧିକା ତା' ର ଶାଳୀ l
ପେଟରେ ରଖି ଛୁଆ,
ବେକାରୀ ଟୋକା ଘରେ ନ କହି
ମନ୍ଦିରେ ହେଲା ବାହା ll୭
ଦନେଇ ନନା ମାଇପ ନେଇ
ରହେ ଶଶୁର ଘରେ
ବୁଢା ବାପଟା ହାତରେ ରାନ୍ଧି
ଖାଏ ଦିନକୁ ଥରେ।
ପିନ୍ଧେ ସେ ସାତ ସିଆଁ,
ମରଣ କାଳେ ପଡୋଶୀ ନାତି
ମୁହଁରେ ଦେଲା ନିଆଁ ll୮
ଟିକେ ବର୍ଷାରେ ଢଳେଇ ଦାଣ୍ଡେ
ଜମେ ଗୋବର ପାଣି
ନିଦାଘ କାଳେ ବରମୂଳରେ
ଚାଲେ ଗଞ୍ଜେଇ ପାଣି l
ବୁଢା ହେଉ କି ଛୁଆ,
ମଦନା ଭାଇ ଭାଟିରୁ ଖାଇ
ହେଲେ ସବୁ ମଦୁଆ ll୯
କରୋନା କାଳେ କମ୍ପାନୀ ଛାଡି
ଗାଆଁରେ ଟୋକାଦଳ
ସାକାଳୁସଞ୍ଜ ତାଆସ ପିଟା
ପାଠୁଆ ସହ ଖଳ l
ବସି ଠାଆକୁ ଠା,
ଦୋଅକ୍ଷରୀ ପୁରାଣ ପାଠ
ଶୁଭଇ ଠୋଠା ll୧୦
ମୋ ଗାଁର ଚାକିରିଆଙ୍କୁ
କୋଟିଏ ଦଣ୍ଡବତ
ଶିବମନ୍ଦିର ଗଢିବା ପାଇଁ
ହୋଇଲେ ସହମତ।
ଟଙ୍କା ଦେଲେ ଛାଁଛାଁ
ପ୍ରଭୁ କୃପାରୁ ଗୋଟେ ବର୍ଷରେ
ମନ୍ଦିର ହେଲା ଠିଆ ll୧୧
ସର୍କାର ଯେଣୁ ସ୍ବଚ୍ଛତା ପାଇଁ
ଯାଚିଲେ ପାଇଖାନା

ଗାଁ ମୁଣ୍ଡରେ ମଳ ଦେଉଳ
ଉଡାଉ ନାହିଁ ବାନା।
ହେଲେ ଦାଣ୍ଡକୁ ଚାହାଁ,
ଗାଧୁଆ ପାଣି ଗାଇ ମୁତରେ
ଭାସେ କାଗଜ ନାଆ ll୧୨
ମୋ ଗାଁର ବଡ ସମସ୍ୟା
ହେଉନି ପାଠ ପଢା
ପିଲା ବୁଲନ୍ତି ଶ୍ରେଣୀ ଭିତରେ
ମାଷ୍ଟର ଭାଉ ଚଢା।
ହିସାବ ଠିଆଠିଆ,
ଦସ୍ତଖତ ମାରେ କମିଟିବାଲା
ମଦମାଉଁସଖିଆ ll୧୩
ଏସବୁ ସତ୍ତ୍ୱେ ମୋ ଗାଁ ମୋତେ
ଲାଗଇ ଭାରି ଭଲ
ବିକାଶ ତା'ର କରି ନ ପାରି
ହୁଅଇ କଲବଲ।
ମୋ ଗାଁ ମୋ ମାଆ,
ମୋ ଦେହ ରକ୍ତ ମାଂସ ନିଶ୍ବାସେ
ଅଛି ତା ପାଣି ବାଆ ll୧୪

---

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

---

# ଅଭିସାରିକା କଇଁ – କୁମୁଦିନୀ ବେହେରା

September 15, 2021

ରାତି ଶୋଇଥିଲା ନିଘୋଡ ନିଦରେ
ଜହ୍ନ ମାରୁ ଥିଲା ହାଇ
ଅଭିସାରିକାର ବେଶେ ଚାହିଁଥିଲା
ଗଗନକୁ ନୀଳକଇଁ l

ନିଶାକର ପ୍ରେମେ ହୋଇ ବିମୋହିତା
ଜାଗରିତା ଥିଲା କଇଁ
ଅଭୀପ୍ସିତ ଅଭିସାରରେ ଅଧୀରା
ହୋଇ ରସ ରାସମୟୀ l

କେତେ ସରାଗରେ କଇଁ ପାଖୁଡ଼ାରେ
ଜୋଛନା ଦିଏ ଚୁମ୍ବନ
କାକର କଣିକା ବିନ୍ଦୁ ବିନ୍ଦୁ ହୋଇ
ନାଇଲେ ଟିପି ଚନ୍ଦନ l

ମଳୟ ଦୋଳିରେ ଝୁଲାଏ ଆନନ୍ଦେ
ଜଳ ଅଙ୍ଗେ ସନ୍ତରଣ
ବଉଦ ଉହାଡୁ ଲୁଚକାଳି ଖେଳ
କରଇ ମନ ହରଣ l

ତାରାଗଣଙ୍କର ଲାଗେ ସମାରୋହ
ସତେ କୁସୁମିତ ବନ
କଳାମେଘୀ ପାଟଶାଢ଼ିରେ ଯାମିନୀ
କିଣି ନେଇଥାଏ ମନ l

ବିଭାବରୀ ଅକାଶରେ ଜଳଧର
କରେ କେତେ ପ୍ରୀତିରାସ
ସରସୀରେ ଥାଇ କୁମୁଦିନୀ ଟାଣେ
ମୁଖରେ ଲାଜୁଆ ହସ l

ପିଆସୀ ମନର କେତେ ଆଶା ନେଇ
ତନୁ ତୀର୍ଥ ମଞ୍ଜରିରେ
ଗୁପ୍ତ ପୀରତିର ପରିଧି ଭିତରେ
ହଜିଯାଏ ଅନ୍ଧକାରେ l

ଫୁଟିଲେ ଅସଂଖ୍ୟ ପ୍ରୀତିର ସୁମନ
ନେଇ ମହମହ ବାସ
ଶୁଭ ସାହାନାଇ ବଜାଇ ନାଚିଲେ
ମଣ୍ଡୁକେ ହୋଇ ହରଷ l

ଅବିରତ ଝରି ଅମୃତର ଧାରା
ପ୍ରେମର ପୁଣ୍ଣତୋୟା
ନୂତନତା ପଣେ ନିବିଡତା ଆଣି
ଲଗେଇ ଦେଇଛି ମାୟା ll

କୁମୁଦିନୀ ବେହେରା, ଅନୁଗୋଳ



# ଜଗା ପାଇଁ ପଦେ – ସୁଧାକର ସେଠୀ

September 15, 2021

ବାଇଶି ପାହାଚ ଚଢି ପାରୁ ନାହିଁ
ମନରେ ଅଛି ମୋ କ୍ଷୋଭ
ରଥରେ ଦେଖି ଜଗା କାଳିଆକୁ
ଜାଗିଛି ମନେ ମୋ ଭାବ।

ଗୋଡ ନେଇଗଲୁ ପଙ୍ଗୁ କଲୁ ମୋତେ
ଶ୍ରୀମନ୍ଦିର ସିନା ମନା
ରଥରେ ଦେଖି ଶ୍ରୀବଦନକୁ
ହେଲି ମୁଁ ଆନ ମନା ।

କାନେ ଶୁଭିଯାଏ କିଏ କହିଦିଏ
ଏତ ଜଗତ କରତା
ସକଳ ଘଟରେ ସବୁରି କ୍ଷେତ୍ରରେ
ପୁରିଛି ତାର ବାରତା ।

ସ୍ଥାବର ଜଙ୍ଗମ କୀଟ ପତଙ୍ଗ
ସଭିଙ୍କର ସିଏ ସାହା
ଅଭାବରେ ଥିଲି ଏବେ ମୁଁ ଜାଣିଲି
ଏ ଥିଲା ସବୁ ଯେ ମାୟା।

ଗୋଡ ସିନା ନେଲ ରଖିଲ ପରାଣ
ଜଗତେ ଦେଲ ବାରତା
ଯାହା ମୁଁ ମାଗିଲି ଦେଲ ହାତ ଖୋଲି
ଉଡାଇ ଦେଲ ପତାକା ।

ସଭିଙ୍କ ଆଦର ସଭିଙ୍କ ସ୍ନେହେ
ଦେଖେ ତବ ରୂପ ଠାଣି
ହେ ପରମ ପିତା ଅଛି କି ବାରତା
ଦିଅହେ ଆଜି ବଖାଣି ।

ଭାବରୁ ନିକଟ ଅଭାବକୁ ଦୁର
ସବୁ ଯେ ତୁମ ଲୀଳା ଖେଳା
ଧନ୍ୟ ହେଲି ପ୍ରଭୁ ଧନ୍ୟ ହେଲି ଆଜି
ଲଭି ତବ କରୁଣା ।

ସୁଧାକର ସେଠୀ, ବାଲେଶ୍ବର



# ଆହେ ଜଗତନାଥ – ସୁଶ୍ରୀ ମଧୁସ୍ମିତା ସାହୁ

September 15, 2021

ଆହେ ଭାବଗ୍ରାହୀ ତୁମେ ତ ରହିଛ
କେଉଁଠି କେତେ ରୂପରେ
ସବୁରି ହୃଦୟେ କରି ଥାଅ ବାସ
ନିତି ସଞ୍ଜ ସକାଳରେ
ଆହେ ଜଗତନାଥ
ବାରେ ଘେନା କର ମୋ ଆରତ ।
ଚକାଆଖିରେ ତ ଦେଖୁଛ ଜାଣୁଛ
ହୃଦେ ଥାଇ କି ନ ଜାଣ
ନିତି ଲୀଳା ତୁମ ସାଧୁଙ୍କ ପାଳନ

ଦୁଷ୍ଟଙ୍କୁ କର ଦଳନ
ଆହେ ଜଗତନାଥ
ବାରେ ଘେନା କର ମୋ ଆରତ ।
ଦାରୁ ବ୍ରହ୍ମ ରୂପେ ଶ୍ରୀକ୍ଷେତ୍ର ରେ ରହି
ପତିତ ଜନେ ଉଦ୍ଧର
କର୍ଣ୍ଣ ନଥାଇ ବି ଡାକ ଶୁଣି ପାର
ଭକ୍ତ ଥିଲେ ଯେତେ ଦୂର
ଆହେ ଜଗତନାଥ
ବାରେ ଘେନା କର ମୋ ଆରତ ।
ତୁମରି ନିର୍ଦ୍ଦେଶେ ସୂର୍ଯ୍ୟ ଚନ୍ଦ୍ର ଯାତ
ଦିବାନିଶି କଲ ସୃଷ୍ଟି
କର୍ମ ଫଳ ଦାତା ଜଗତ କରତା
ସବୁରି ଅନ୍ତରେ ସ୍ଥିତି
ଆହେ ଜଗତନାଥ
ବାରେ ଘେନା କର ମୋ ଆରତ ।
ବରଷକେ ଥରେ ବିରାଜି ରଥରେ
ସଭିଙ୍କୁ ଦିଅ ଦର୍ଶନ
ସବୁ ଧରମର ପ୍ରତୀକ ସ୍ୱରୂପ
ପ୍ରଭୁ ପତିତ ପାବନ
ଆହେ ଜଗତନାଥ
ବାରେ ଘେନା କର ମୋ ଆରତ ।

ସୁଶ୍ରୀ ମଧୁସ୍ମିତା ସାହୁ
ଚାନ୍ଦପୁର, ଜିଲ୍ଲା – ନୟାଗଡ଼

ପଢନ୍ତୁ >>   କ୍ଷୁଦ୍ରଗଳ୍ପ   କବିତା   ପ୍ରବନ୍ଧ   ଉପନ୍ୟାସ   ଅନ୍ୟାନ୍ୟ

# ସୁନ୍ଦର ସକାଳ – ପ୍ରଣତି ମହାପାତ୍ର

September 15, 2021



କାଳୀ ଅନ୍ଧାରରୁ ଚଷା ଭାଇ ଉଠି
ଧାଇଁ ଯାଏ ସୁନାକ୍ଷେତେ,
ବଡିଭୋରୁ ମାଆ ସକଳ ପାଇଟି
କରେ ଇଷ୍ଟ ପ୍ରଣିପାତେ,
ଉଠ ଉଠ ବନ୍ଧୁ ଯେତେ
ଆଳସ୍ୟକୁ ପରତ୍ୟାଗ କରି ଶଯ୍ୟା
ଛାଡି ବେଗି ଉଠ ସତେ।

ସକାଳୁ ସକାଳୁ ଖୋଲା ପବନରେ
ଘେରାଏ ତ ବୁଲି ଆସ,
ନିତ୍ୟ କର୍ମ ସାରି ଯୋଗ ପ୍ରାଣାୟମ
କରିବାକୁ ଟିକେ ବସ,
ସୁଷମ ଆହାର ସ୍ୱଛ ମନନେଇ
ଦିନକୁ ଅନ୍ତତଃ ଥରଟେ ନିଜକୁ
ଭଲପାଇ ହସ ହସ।

ଗୁରୁ ଗୁରୁଜନେ ସମ୍ମାନ ଜଣାଇ
ମାନିବା କଥା ତାଙ୍କର,
ମାଆ ଯାହା ଦେବେ ଖାଇବାକୁ ତାହା
ଖୁସିରେ କରି ଆହାର,
ଦୁଃଖି ରଙ୍କିଙ୍କ ସେବାର

ଦୟା ଭାବ ମନେ ରଖି ଚାଲୁଥିବା
ସାହା କାଳିଆ ଠାକୁର।

ବାଲେଶ୍ୱର



# ଦାର୍ଢ୍ୟତାଭକ୍ତି କଥାମୃତ – ରଘୁ ବେହେରା ସମ୍ବାଦ – ଘନଶ୍ୟାମ ସାହୁ

September 15, 2021



ପୋଖରୀ ହୁଡ଼ାରେ ଜାଲକୁ ପକାଇ ଦେଇ ଗଭୀର ଚିନ୍ତା ମଗ୍ନ ଥିଲେ ଧୀବର ରଘୁ ବେହେରା । ମନେ ମନେ ଭାବିଲେ , "ନା ନା ମୋ ଦ୍ୱାରା ଆଉ ଏ ମାଛ ମାରିବା ସମ୍ଭବ ନୁହେଁ । ମୁଁ ଅଜାଣତରେ ଅନେକ ପାପ ଅର୍ଜନ କରି ସାରିଲିଣି ।ଆଉ ମୁଁ ମାଛ ମାରିବି ନାହିଁ କି ପାପ ଅର୍ଜନ କରିବି ନାହିଁ ।ହେ ଭଗବାନ ମୋତେ ଏ ଧୀବର କୁଳରେ ଜନ୍ମ ଦେଲ ।ମୋର ପୂର୍ବଜନ୍ମର କର୍ମ ଫଳ ପାଇଁ ମୋତେ ଏ ଜନ୍ମରେ ମାଛ ମାରି ପେଟ ପୋଷିବାକୁ ପଡୁଛି । ମୁଁ ନାହିଁ କରୁଥିଲି । ସେ ଶାଶୁ ବୋହୂ କ'ଣ ମୋ କଥା ଶୁଣିଲେ । ଓଲଟା କହିଲେ କ'ଣ ନା ମାଛ ଧରି ଘରକୁ ନଗଲେ ତିନି ତିନିଟା ପ୍ରାଣୀଙ୍କ ଉପାସ ରେ ଜୀବନ ଚାଲିଯିବ ।ହେ ଭଗବାନ! ମୋତେ ଏ ପାପ କର୍ମ ରୁ ମୁକ୍ତି ଦିଅ ପ୍ରଭୁ । ଏହି ଥରକ ପାଇଁ ମୋତେ କ୍ଷମା କରିଦିଅ ।ଏଇଥର ଠାରୁ ମୁଁ ଆଉ ମାଛ ଧରିବି ନାହିଁ ।" ଏହା କହି ଜାଲ ପକାଇ ଧୀରେ ଧୀରେ କୂଳକୁ ଟାଣି ଆଣିଲେ । ଭାଗ୍ୟ କୁ ଗୋଟିଏ ବଡ଼ ରୋହି ମାଛ ପଡ଼ି ଥିଲା ଜାଲରେ ।ସେ ସେହି ମାଛକୁ ଚାହିଁ ଠାକୁରଙ୍କ ମୀନ ଅବତାର କଥା ଚିନ୍ତା କରିବାକୁ ଲାଗିଲେ ।

ପୂଣ୍ୟ ଶ୍ରୀକ୍ଷେତ୍ର ଠାରୁ ମାତ୍ର ଦଶ କିଲୋମିଟର ଦୂରରେ ଅବସ୍ଥିତ ପିପିଲି ଗ୍ରାମ ର ଧୀବର ରଘୁ ବେହେରା । ଘରେ ତାଙ୍କର ସର୍ବ ମୋଟ ତିନି ଜଣ ସେ , ତାଙ୍କ ସ୍ତ୍ରୀ ଏବଂ ତାଙ୍କ ମାଆ । ମାଛ ମାରି ପେଟ ପୋଷିବା ତାଙ୍କ କାମ । କିନ୍ତୁ କିଛି ଦିନ ହେଲା ତାଙ୍କ ମନରେ ପ୍ରଭୁ ଙ୍କ କୃପାରୁ ଜ୍ଞାନ ର ଉଦୟ ହେଲା । ମାଛ ମାରି ପେଟ ପୋଷିବାକୁ ଆଉ ମନ ହେଲାନାହିଁ । ଗୁରୁ ଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ଚିତା ତିଳକ ଲଗାଇ ନିତି ଭାଗବତ ପଠନରେ ମନୋନିବେଶ କଲେ । କିନ୍ତୁ ମାଛ ମାରି ନ ବିକିଲେ ଖାଇବେ କଣ ? ପେଟ ପାଇଁ ସବୁ ନାଟ । ପେଟ ଚାଖଣ୍ଡକ ପାଇଁ ସଂଘର୍ଷ କରିବାକୁ ହିଁ ପଡ଼ିବ । ଘରେ ସବୁବେଳେ ଅଶାନ୍ତି । ସ୍ତ୍ରୀ ତା'ର ସେ ଦିନ ସଫା ସଫା ଶୁଣାଇ ଦେଲେ,"ଶୁଣ ,ଏ ପ୍ରହସନ ବନ୍ଦ କର । ଧୀବର କୁଳରେ ଜନ୍ମ ନେଇ ଏ ଚିତା ଚଇତନ ତୁମକୁ ଶୋଭା ପାଉନାହିଁ । ଲୋକମାନେ ହସିବେ । କେହି ବି ପଚାରିବେ ନାହିଁ । ଦୁଇ ଦିନ ହେଲା ଚୁଲି ଜଳି ନାହିଁ । ଏମିତି ବସି ବସି କିଏ ତୁମକୁ ଖାଇବାକୁ ଦେବ ? ଶୀଘ୍ର ଯାଇ ମାଛ ନେଇ ଆସ ।" ଏହା କହି ଜାଲକୁ ରଘୁ ପାଖରେ ରଖି ହାତଧରି ଉଠାଇ ଦେଲେ ରଘୁଙ୍କ ପତ୍ନୀ । ସେ ଆଉ କୌଣସି ଉପାୟ ନପାଇ ବାଧ ଶିଶୁ ଟିଏ ପରି ଜାଲ ଧରି ଚାଲି ଆସିଲେ ସତ କିନ୍ତୁ ମାଛ ମାରିବାକୁ ଜମାରୁ ମନ ହେଉନଥିଲା ।ଜାଲ ରୁ ରୋହିମାଛକୁ ବାହାର କରି ରଘୁ ବେହେରା ହାତ ଯୋଡ଼ି କହିଲେ ," ହେ ମାଛ, ମୋତେ ଧୀବର ଜନ୍ମ ମିଳି ଥିବାରୁ ତୁମକୁ ଆଜି ମାରିବାକୁ ବାଧ ହେଉଛି । ମୋତେ କ୍ଷମା କରିଦିଅ । ଆଜି ତୁମକୁ ମାରି ମୋତେ ନେବାକୁ ହିଁ ପଡ଼ିବ ।" ଏହା କହି ଦୁଇ ହାତରେ ମାଛର ବେକରେ ଚାପ ପ୍ରଦାନ କରି ମାରିବାକୁ ଉଦ୍ୟମ କଲେ ରଘୁ ।କି ଆଶ୍ଚର୍ଯ୍ୟ ! ଚମକି ପଡ଼ିଲେ ରଘୁ ।

ମାଛ ମୁହଁ ରୁ ଶୁଣା ଯାଉଥିଲା, "ରକ୍ଷା କର ନାରାୟଣ , ରକ୍ଷା କର ନାରାୟଣ "। ସେ ନିଜକୁ ମଧ ବିଶ୍ୱାସ କରି ପାରିଲା ନାହିଁ । ମାଛ ପୁଣି ଭଗବାନ ଙ୍କୁ ଡାକୁଛି ନିଜକୁ ରକ୍ଷା କରିବା ପାଇଁ ?ଏ ହେଉଛି ଆମ ହିନ୍ଦୁ ଧର୍ମ ର ସଂସ୍କୃତି ।ଏଠି ଗଜରାଜଙ୍କର ଡାକରେ ଭଗବାନ ଧରାପୃଷ୍ଠକୁ ଓହ୍ଲାଇ ଚକ୍ର ପେଶି ନକ୍ର ନାଶି ତାଙ୍କ ଉଦ୍ଧାର କରନ୍ତି ।ନିଜେ ବିଭିନ୍ନ ଜୀବ ଜନ୍ତୁ ଶରୀର ନେଇ ଅବତାର ଗ୍ରହଣ କରନ୍ତି ।ଏ ମାଛ ମଧ କେଉଁ ମହାପୁରୁଷ ହୋଇ ଥାଇ ପାରନ୍ତି । "ହେ ଭଗବାନ ମୋତେ ଏ ପାପ ଜନ୍ମ ରୁ ମୁକ୍ତି ପ୍ରଦାନ କର ।" ଏହା କହି ସେ ମାଛକୁ ଧରି ଅରଣ୍ୟ ମଧକୁ ପ୍ରବେଶ କଲେ । କିଛି ଦୂରରେ ଏକ ଝରଣା ପାଖରେ ପହଞ୍ଚି ବାଲି ଭିତରେ ଏକ କ୍ଷୁଦ୍ର ପୋଖରୀ ଖୋଳି ତା ମଧରେ ପାଣି ଭର୍ତ୍ତି କଲେ ସେ । ମାଛ ଟିକୁ ସେଇ ପାଣି ଭିତରେ ଛାଡି ଦେଇ ନିଜେ ନିକଟରେ ଗଛ ଛାଇରେ ବସି ପଡ଼ିଲେ । ମନରେ ସଂକଳ୍ପ କଲେ ସେ ଠାକୁରଙ୍କୁ ଡ଼ାକି ଡ଼ାକି ଜୀବନ ହରାଇ ଦେବେ ପଛକେ ଏହି ମାଛ ରୂପକ ଦିବ୍ଯାତ୍ମାଙ୍କୁ ସ୍ବଚକ୍ଷୁରେ ନଦେଖିବା ପର୍ଯ୍ୟନ୍ତ ଏଠାରୁ ଯିବେ ନାହିଁ । ସେ ସେଇ ଗଛ ମୂଳରେ ମାଛ ଥିବା କ୍ଷୁଦ୍ର ପୋଖରୀକୁ ଜଗି ରହି ଜଗନ୍ନାଥଙ୍କ ନାମ ଗାନ କରିବାକୁ ଲାଗିଲେ, " ହେ ବଳିଆର ଭୁଜ ,ହେ ଭକ୍ତ ପ୍ରାଣ ଦୀନବନ୍ଧୁ ଜଗନ୍ନାଥ ! ମୋତେ ଏ ପାପୀ ଧୀବର ଜନ୍ମରୁ ମୁକ୍ତି ପ୍ରଦାନ କର ଚକାଡୋଳା । ମୁଁ ଅଧମ ଅନେକ ପାପ ଅର୍ଜନ କରି ସାରିଲିଣି ମହାପ୍ରଭୁ । ମୋର ଅପରାଧ କ୍ଷମା କରି ଏ ରହସ୍ୟ ର ଉନ୍ମୋଚନ କର ପ୍ରଭୁ ।" ଏହା କହି କହି ଜଗନ୍ନାଥ ଙ୍କୁ ଧାନ କଲେ ଭକ୍ତ ରଘୁ ଦାସ । ଭାବରେ ଭାବରେ ମଜ୍ଜି ଯାଇ ଧାର ଧାର ଅଶ୍ରୁ ନିର୍ଗତ ହେଲା ଚକ୍ଷୁ ଯୁଗଳ ରୁ ।ଭକ୍ତର ଭଗବାନ ଆଉ ସମ୍ଭାଳି ପାରିଲେ ନାହିଁ ।ଜଣେ ବ୍ରାହ୍ମଣ ରୂପ ଧାରଣ କରି ରଘୁ ବେହେରା ପାଖରେ ପହଞ୍ଚି ଗଲେ । ଏହି ଘଞ୍ଚ ବିପଦ ସଙ୍କୁଳ ଅରଣ୍ୟ ମଧରେ କ'ଣ କରୁଚୁ ବୋଲି ପଚାରିଲେ । ପ୍ରଣାମ କରି ରଘୁ ମାଛ କିପରି ନାରାୟଣ ଙ୍କ ନାମ ଉଚ୍ଚାରଣ କରି ନିଜକୁ ରକ୍ଷା କରିବା ପାଇଁ ଡାକିଲା ସେ କଥା କହିଲେ ଏବଂ ଏହାର ରହସ୍ୟ ଜାଣିବାକୁ ଚାହୁଁଛନ୍ତି ବୋଲି କହିଲେ ।"ଆରେ ଧୀବର ରଘୁ ।ତୁ ମାଛ ମାରି ପେଟ ପୋଷିବା ଲୋକ ଏ ଧାନ ଧାରଣା ରୁ କ'ଣ ପାଇବୁ ? ମାଛ କେବେ କ'ଣ କଥା କହେ ? ଯା ମାଛ ଧରି ଘରକୁ ଫେରି ଯା । ଘରେ ତୋର ପରିବାର ଅପେକ୍ଷା କରିଥିବେ ।"ବ୍ରାହ୍ମଣ ରୂପୀ ଭଗବାନ କହିଲେ । ଏତେ ବେଳକୁ ଦୁଇ ଦିନ ବିତି ସାରିଲାଣି । ରଘୁ ବେହେରା ବ୍ରାହ୍ମଣ ଙ୍କୁ କହିଲେ ,"ହେ ଗୋସେଇଁ, ଆପଣ ଆପଣଙ୍କର ବାଟରେ ଯାଇ ପାରନ୍ତି । ମୁଁ ନିଜ ଜୀବନ ହରାଇ ଦେବାକୁ ପ୍ରସ୍ତୁତ ଅଛି , କିନ୍ତୁ ଭଗବାନ ଙ୍କୁ ନିଜ ଚକ୍ଷୁ ରେ ନ ଦେଖିବା ପର୍ଯ୍ୟନ୍ତ ଏଠାରୁ ଆଦୌ। ଯିବି ନାହିଁ । ମୋତେ ମୋ ପ୍ରଭୁଙ୍କ ନାମ ନେବାକୁ ଦିଅନ୍ତୁ ।"ଭକ୍ତି ଦୃଢ଼ ଥିବା ଜାଣି ବ୍ରାହ୍ମଣ ବେଶଧାରୀ ଭଗବାନ କହିଲେ ,"ହେ ଭକ୍ତ ରଘୁ ଦାସ ମୁଁ ହିଁ ମାଛ ଦେହରେ ରହିଥିଲି । ମୁଁ ତୋର ଭକ୍ତିରେ ସନ୍ତୁଷ୍ଟ । ମୁଁ ହିଁ ତୋର ଆରାଧ ।" "ଯଦି ଆପଣ ହିଁ ମୋର ଆରାଧ ପ୍ରଭୁ ଜଗନ୍ନାଥ ଆପଣଙ୍କ ସେହି ଚତୁର୍ଭୁଜ ସ୍ୱରୂପ ରେ ଦର୍ଶନ ଦେଇ ମୋତେ ଧନ୍ୟ କରନ୍ତୁ ପ୍ରଭୁ ।"ରଘୁ ସାଷ୍ଟାଂଗ ପ୍ରଣିପାତ କରି କହିଲା ।ସଙ୍ଗେ ସଙ୍ଗେ ଏକ ଉଜ୍ଜ୍ୱଳ ଆଭାରେ ଚତୁର୍ଦ୍ଦିଗ ଆଲୋକିତ ହେଲା । ଦିବ୍ୟ ସୁଗନ୍ଧ ରେ ସ୍ଥାନଟି ମହକି ଉଠିଲା । ଚତୁର୍ଭୁଜ ନାରାୟଣ ରୂପରେ ସେ ଭକ୍ତ ରଘୁ ବେହେରାକୁ କହିଲେ ,"ତୋ ଇଚ୍ଛା ଅନୁସାରେ ବର ମାଗ ରଘୁ ।" ଅଶ୍ରୁ ଜଳରେ ପାଦ ଧୋଇ ରଘୁ ଠାକୁରଙ୍କୁ କହିଲେ ," ହେ ମହାପ୍ରଭୁ, ମୋ ପରି ସାମାନ୍ୟ ଜଣେ ଅଧମ ଧୀବର ପାଇଁ ଆପଣଙ୍କୁ ଏଠାକୁ ଆସିବାକୁ ହେଲା ,ପୁଣି ଦିବ୍ୟ ସ୍ୱରୂପ ରେ ମୋତେ ଦର୍ଶନ ଦେଇ ଧନ୍ୟ କଲେ । ମୋର ଜୀବନ ସାର୍ଥକ ହୋଇଗଲା । ଆଉ କ'ଣ ଲୋଡା ? ଆପଣ ତ ଅନ୍ତର୍ଯ୍ୟାମୀ ମୁଁ ପାପୀ ଆପଣଙ୍କୁ କ'ଣ ଅବା ମାଗିବି ? କେବଳ ମୋର ଗୋଟିଏ ମାଗୁଣି ପ୍ରଭୁ ମୋତେ ଆଉ ଏ ପାପ କାର୍ଯ୍ୟ କରିବାକୁ ନ ପଡୁ ।ମୋର ପରିବାର ଅପୋଷା ନ ରୁହନ୍ତୁ । ମୁଁ ଚାହିଁଲେ ଆପଣଙ୍କ ଦର୍ଶନ ପାଇ ପାରିବି ପ୍ରଭୁ ।" ମହାପ୍ରଭୁ "ତଥାସ୍ତୁ "କହି ଅଦୃଶ୍ୟ ହୋଇଗଲେ ।

ସେହିଠାରୁ ଏକ ଅପୂର୍ବ ଉତ୍ସାହ ରେ ନାଚି ନାଚି ରଘୁ ବେହେରା ଘରେ ତିନି ଦିନ ପରେ ପହଞ୍ଚିଲେ । ଘରେ ରଘୁ କୁ ନପାଇ ସେତେବେଳେ କାନ୍ଦବୋବାଳି ପଡ଼ି ସାରିଥିଲା । ଗ୍ରାମର ଲୋକମାନେ ରଘୁ ର ଏ ପ୍ରକାର ଭାବାବେଗ ଦେଖି

ଆଶ୍ଚର୍ଯ୍ୟ ହୋଇଗଲେ । ଘରେ ପୁଣି ଆନନ୍ଦ ଉଲ୍ଲାସର ବାତାବରଣ ସୃଷ୍ଟି ହେଲା । ସେହି ଦିନଠାରୁ ସେ ରଘୁ ଦାସ ନାମରେ ପରିଚିତ ହେଲେ । ପ୍ରଭୁଙ୍କ ନାମ ନେଇ ଭିକ୍ଷା ମାଗି ତା'ର ପରିବାର ପ୍ରତିପୋଷଣ କଲେ । କେତେକ ତାଂକୁ ଭଣ୍ଡ ବାବାଜୀ କହି ଚିଡ଼େଇବାକୁ ପଛଉ ନ ଥିଲେ । ଥରେ ଏକ ଅଦ୍ଭୁତ ଘଟଣା ଘଟିଲା। ଗୋଟିଏ ଗ୍ରାମରେ ଭିକ୍ଷା ମାଗି ଫେରି ଆସିବା ସମୟରେ ପିଲାମାନେ ପଛରେ ଗୋଡ଼େଇ ବାବାଜୀ ବାବାଜୀ କହି ଚିଡ଼େଇବାକୁ ଲାଗିଲେ । ସେ ନିର୍ବିକାର ଭାବରେ ଚାଲିଥିବା ଅବସ୍ଥାରେ ଜଣେ ଦୁଷ୍ଟ ବାଳକ ଏକ କଣ୍ଟା ଲାଗିଥିବା ଛାଟ ଧରି ତାଙ୍କର ପୃଷ୍ଠଦେଶରେ ବାରମ୍ବାର ଆଘାତ କରିବାକୁ ଲାଗିଲା । ରଘୁ ଦାସ ଅତ୍ୟଧିକ କଷ୍ଟ ପାଇ ମନେ ମନେ କ୍ରୋଧିତ ହୋଇ କହି ପକାଇଲେ,"ହେ ଭଗବାନ ବିନା କାରଣରେ ନିରୀହ ପ୍ରାଣୀ ଦଣ୍ଡ ପାଇବା କ'ଣ ଠିକ୍ ? ଏ ପିଲାଟି ଦଣ୍ଡ ପାଇବା ଦରକାର ।ତା ସହ ଏହାର ମାଆ ମଧ୍ୟ ନିଶ୍ଚୟ କାନ୍ଦିବା ଦରକାର ।"ସେ ଏହା କହୁ କହୁ ପିଲାଟି ଚେତା ଶୂନ୍ୟ ହୋଇ ଖସି ପଡ଼ିଲା । ସଙ୍ଗେ ସଙ୍ଗେ ଖବର ପାଇ ତା ମାଆ ଆସି ଦେଖିଲା ପିଲାଟିର ଦେହରେ ଜୀବନ ନାହିଁ । ସେ ପିଲା ଟିକୁ ଧରି କାନ୍ଦି କାନ୍ଦି ଗଡ଼ି ଯାଉଥିଲା । ଜନତା କୌତୁହଳ ହୋଇ ଘେରି ଗଲେ । ରଘୁ ଦାସ କୁ ପିଲାଟି ର ମାଆ କହିଲା,"ହେ ମହାତ୍ମା,ମୋ ପୁଅ ଅଜ୍ଞାନ ବାଳୁତ ସ୍ୱଭାବରେ ଯାହା କିଛି ଅପରାଧ କରିଛି ତାକୁ କ୍ଷମା କରି ଦିଅ । ତା'କୁ ତୁମ ବିନା ଆଉ କେହି ବଞ୍ଚାଇ ପାରିବେ ନାହିଁ ।ମୋ ପରି ଅଭାଗିନୀ ପ୍ରତି ଦୟା କର ।" ବର୍ତ୍ତମାନ ରଘୁ ଦାସ ସେହି ପରମ ପ୍ରେମ ମୟ ଶ୍ରୀହରି ଙ୍କୁ ସ୍ମରଣ କରି ପିଲାଟିକୁ ଜୀବନଦାନ ଦେବା ପାଇଁ ପ୍ରାର୍ଥନା କଲେ । ସମସ୍ତଙ୍କୁ "ହରିବୋଲ "ଦେଇ ପିଲାଟିକୁ ଡ଼ାକି ଉଠାଇବାକୁ କହିଲେ । ହରିବୋଲ ହୁଳହୁଳି ଶବ୍ଦରେ ସ୍ଥାନଟି କମ୍ପି ଉଠିଲା ।ମା ଟିର ଡାକରେ ପିଲାଟି ନିଦରୁ ଉଠିଲା ପରି ଉଠି ବସିଲା । 'ଧନ୍ୟ ରଘୁ ଦାସ । ଧନ୍ୟ ତୁମର ପ୍ରଭୁ ଭକ୍ତି ।' ସମସ୍ତଙ୍କ ମୁହଁରେ ରଘୁ ବେହେରା ଙ୍କ ପ୍ରଶଂସା ।

କିଛି ଦିନ ଯାଇଛି କି ନାହିଁ ଦିନେ ରଘୁ ଦାସ ମଣୋହି ସମୟରେ ଜଗନ୍ନାଥଙ୍କୁ ସ୍ମରଣ କଲେ । ପ୍ରଭୁ ତ ଭାବଗ୍ରାହୀ । ଭାବରେ ବନ୍ଧା ସିଏ । ରତ୍ନସିଂହାସନ ପରିତ୍ୟାଗ କରି ରଘୁ ଙ୍କର ଠାକୁର ଘରେ ଦର୍ଶନ ଦେଇ ରଘୁ ଙ୍କ ହାତର ଭୋଗ ଗ୍ରହଣ କଲେ । ଏଣେ ବଡ଼ ପଣ୍ଡା ଙ୍କ ଚଳୁରେ ଠାକୁର ଦେଖା ନ ଯିବାରୁ ଶ୍ରୀମନ୍ଦିରରେ ଠାକୁରଙ୍କୁ ଭୋଗ ଲାଗି ହୋଇ ପାରିଲା ନାହିଁ । ଏକଥା ମହାରାଜାଙ୍କ କାନକୁ ଗଲା । ଗଜପତି ନିଜେ ଆସି ଠାକୁରଙ୍କ ଆଗରେ ଗୁହାରି କରି ଧାରଣା ଦେଲେ । ଠାକୁର ରାଜାଙ୍କୁ ସ୍ୱପ୍ନାଦେଶ ଦେଇ କହିଲେ,"ହେ ରାଜା ଆମେ ଭକ୍ତ ର ଅଧୀନ । ପିପିଲି ଗ୍ରାମର ଭକ୍ତ ରଘୁ ଦାସ ହାତରୁ ବର୍ତ୍ତମାନ ଆମେ ମଣୋହି କରୁଥିବାରୁ ଚଳୁରେ ଦର୍ଶନ ଦେଇ ପାରିଲୁ ନାହିଁ ।" କାଳବିଳମ୍ବ ନକରି ଗଜପତି ମହାରାଜ ଅଶ୍ୱ ଆରୋହଣ କରି ପିପିଲି ଗ୍ରାମରେ ପହଞ୍ଚିଲେ । ରଘୁ ବେହେରା ଘରକୁ ବିଜେ କରି ଦେଖିଲେ ଗଦ୍ ଗଦ୍ ହୋଇ ସ୍ତୁତି କରୁଛନ୍ତି ରଘୁ ।ଚକ୍ଷୁ ରୁ ଝର ଝର ହୋଇ ବହି ଆସୁଛି ଭାବ ଅଶ୍ରୁ । କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ପଛକୁ ଅନାଇ ଆଶ୍ଚର୍ଯ୍ୟ ହୋଇଗଲେ ରଘୁ ଦାସ ।"ମୋର ଅପରାଧ କ୍ଷମା କରନ୍ତୁ ମଣିମା । ମୁଁ ଆପଣଙ୍କ ଉପସ୍ଥିତି ଜାଣି ପାରିଲି ନାହିଁ ।"ଏହା କହି ସେ ମହାରାଜା ଙ୍କୁ ମୁଣ୍ଡ ନୁଆଇଁ ପ୍ରଣାମ କଲେ । ମହାରାଜା ତାକୁ ଉଠାଇ କୁଣ୍ଢେଇ ପକାଇ କହିଲେ,"ଧନ୍ୟ ରଘୁ ଦାସ । ଧନ୍ୟ ଧନ୍ୟ ତୁମର ଠାକୁରଙ୍କ ପ୍ରତି ଭକ୍ତିଭାବ । ସ୍ୱୟଂ ମହାପ୍ରଭୁ ଯାହା ପ୍ରାର୍ଥନା ରେ ରତ୍ନ ସିଂହାସନ ତ୍ୟାଗ କରି ଦର୍ଶନ ଦେଇ ଥାନ୍ତି ସେ ଜଣେ ସାଧାରଣ ଭକ୍ତ ହୋଇ ନପାରେ ! ଆଜିଠାରୁ ତୁମେ ଶ୍ରୀକ୍ଷେତ୍ର ରେ ରହି ଠାକୁରଙ୍କୁ ନିତି ପ୍ରତି ଦର୍ଶନ କରି ପାରିବ ।ତୁମ ରହିବାର ବନ୍ଦୋବସ୍ତ ମୁଁ ନିଜେ ହିଁ କରିବି ।"

ଏକ ବିରାଟ ଶୋଭାଯାତ୍ରାରେ ରଘୁ ବେହେରା ଙ୍କୁ ଧରି ଗଜପତି ମହାରାଜ ପୁରୁଷୋତ୍ତମ କ୍ଷେତ୍ର ରେ ପହଞ୍ଚିଥିଲେ ।ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହେଲା । ତାଙ୍କ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଘର ସହିତ ଚଳିବା ପାଇଁ ଜମି ଗଜପତି ଖଞ୍ଜି ଦେଲେ । ସେଇ ଦିନଠାରୁ ସେ ପୁରୀ ରେ ରହି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହିତ ସେବା କରି ପରିବାର ସହିତ ଆନନ୍ଦରେ ରହିଲେ । ଜଣେ ସାଧାରଣ ଧୀବର ହୋଇ ମଧ୍ୟ ସେ ମହାପ୍ରଭୁ

ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଭାବରେ ନିଜକୁ ପରିଚିତ କରାଇ ପାରିଥିଲେ ।

ଘନଶ୍ୟାମ ସାହୁ
ଆଠମଲ୍ଲିକ ରୋଡ଼, ବଇଣ୍ଡା, ଜିଲ୍ଲା – ଅନୁଗୋଳ,
ମୋବାଇଲ ନମ୍ବର – ୭୯୭୮୦୫୭୬୯୫



# ଆଜିର ସମାଜ – ରାମଚନ୍ଦ୍ର ପ୍ରଧାନ

September 16, 2021

ଦୁର୍ନୀତିର ଗନ୍ଧେ ଆଜିର ସମାଜ
ଅଣନିଶ୍ୱାସୀ ଲାଗୁଛି
ନିତି ଆଦର୍ଶର ସେ କଥା ଅମୃତ
ସ୍ୱାର୍ଥର ବିଷେ ଜଳୁଛି ।
ଚାରିଆଡ଼େ ଖାଲି ପ୍ରତିହିଂସା ନିଆଁ
ଭୟରେ ଦେହ ଥରୁଛି
ଅଶାନ୍ତି କରୁଛି ସମାଜେ ରାଜୁତି
ବିଚରା ଶାନ୍ତି କାନ୍ଦୁଛି ।
ସମାଜର ଏଇ ଅବସ୍ଥା ଦେଖିଲେ
ମନରେ କୋହ ଆସୁଛି
କେବେ ବଦଳିବ ସେ କଥା ଭାବିଲେ
ଚିନ୍ତାରେ ମୁଣ୍ଡ ଘୁରୁଛି ।
ନୈତିକତା ଶୂନ୍ୟ ଆଜିର ସମାଜେ
ସମ୍ପର୍କ ବାଟ ହୁଡୁଛି
ମଣିଷ ପଣିଆ ଭୁଲି ଏ ମଣିଷ
ରକ୍ତରେ ହୋଲି ଖେଳୁଛି ।
ମିଛ ସମ୍ପର୍କର ଅଡୁଆ ସୁତାରେ
ମଣିଷ ଛନ୍ଦି ହେଉଛି
ଛଳନା ରଙ୍ଗକୁ ମୁହେଁ ମାଖି ସିଏ
ମିଛି ମିଛିକା ହସୁଛି ।
ଗାଆଁ ଠୁ ସହର ସବୁଠାରେ ଏବେ
ପାଶ୍ଚାତ୍ୟ ଛାପ ଦିଶୁଛି
ଅପ ସଂସ୍କୃତିର ସେ ଅନ୍ଧ ଗଳିରେ
ସଂସ୍କାର ଖାଲି ଝୁଣ୍ଟୁଛି ।
ହେ ମଣିଷ ଭାଇ ସୁଧୁରି ଯାଅହେ
ହାତଯୋଡ଼ି କି’ କହୁଛି
ସୁସ୍ଥ ସମାଜଟେ ଗଢ଼ିବାକୁ ଆଜି
ନିବେଦନ ମୁଁ କରୁଛି ।

ରାମଚନ୍ଦ୍ର ପ୍ରଧାନ, ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:9861638736

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ

# ଈଶ୍ୱରୀ – ପଞ୍ଚାନନ ବେହେରା

September 16, 2021

ତୁମେ ସଂଜୀବନୀ…
ତୁମକୁ ଚାହିଁଦେଲେ
ବଞ୍ଚି ଯାଏ ମୁଁ ଆଉ ଓଳି ଯାଏ
ପାପୀରୁ ନିଷ୍ପାପୀ ହୋଇଯାଏ
ପ୍ରଭେଦ ଜାଣେନା
ମାଟି ଆକାଶର ।

କିଏ କହେ ସିନା
ପାଦର ପାଣ୍ଠୋଇ
ମୁଁ କିନ୍ତୁ କହି ପାରେ ସାଗରଟେ
ମାଳ ମାଳ ଉର୍ମି ସହ
ଚୁମିବାକୁ ଅଳତା ଗାରକୁ ।

ଦୁଃଖର ଭିଜା ଶ୍ରାବଣରେ
ଆଙ୍କିପାରେ ଫଗୁଣର ଚିତ୍ର
ତୋଳିପାରେ ଆକାଶର ତାରାଫୁଲ
ମାଳା ଗୁନ୍ଥି ସାଜିବାକୁ ଗଭା ।

ତୁମେ ରମ୍ଭା କି ଉର୍ବଶୀ ନୁହଁ
ନୁହେଁ ଅବା ପରୀ
ନଥାଉ ପଛେ
ହୀରା, ନୀଳା, ମାଣିକ ଭର୍ତ୍ତି
ବେଶ ପରିପାଟି
ହାଇ ହିଲ କି ଓଠେ ଲିପଷ୍ଟିକ
ତୁମ ସୁତାଲୁଗା ପଣତରେ ହାତ ପୋଛି
ମେଣ୍ଟୁଥାଏ ଭୋକ ମୋର
ଲୁଣ ପଖାଳ ଜୀବନ ।
ପାଇ ବସେ ଅଖଣ୍ଡ ଐଶ୍ୱର୍ଯ୍ୟ ଭରା
ଇନ୍ଦ୍ରପ୍ରସ୍ଥ ସୁଖ
ସ୍ୱପ୍ନ ନାହିଁ ସ୍ୱପ୍ନ ଦେଖିବାକୁ
ଏତିକିରେ ପୂର୍ଣ୍ଣ ମୋ ଜୀବନ ।

ବାକି ଆୟୁଷକୁ ଭୁଞ୍ଜିବା ପାଇଁ
ପାଶେ ଥାଅ ସଦା
ମୋ ହୃଦର
ଏକାନ୍ତ ଈଶ୍ୱରୀ ।

ପଞ୍ଚାନନ ବେହେରା
ଦଶପଲ୍ଲା

ପଢନ୍ତୁ >> କ୍ଷୁଦ୍ରଗଳ୍ପ କବିତା ପ୍ରବନ୍ଧ ଉପନ୍ୟାସ ଅନ୍ୟାନ୍ୟ